

ବକ୍ର ତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁମେ ଦେବ
ସର୍ବ କର୍ଯ୍ୟେଷୁ ସର୍ବଦା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalikaa.in

E-mail: sambadkalikanews@gmail.com

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

● ବର୍ଷ-୩୨ ● ସଂଖ୍ୟା-୨୦୯ ● ୨୭ ଅଗଷ୍ଟ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-209 ● 27th August 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ

# ଲୋକଙ୍କ ମତାମତ ଓ ପରାମର୍ଶ ହେଉଛି ସୁଶାସନର ମୁଖ୍ୟ ଉପାଦାନ

**ଭୁବନେଶ୍ୱର, ୨୬।୮**
**ନ୍ୟୁଜ୍ ବ୍ୟୁରୋ**

ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ । ତେଣୁ ଲୋକଙ୍କ ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ। ଏହାଦ୍ୱାରା ଶାସନ ବ୍ୟବସ୍ଥା ଦକ୍ଷ ହୋଇପାରିଥାଏ । ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ ଆଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ କରି ଏହା କହିଛନ୍ତି।




'ଆମ ଶାସନ' ହେଉଛି ଆଧୁନିକ ଟେକ୍ନୋଲୋଜିର ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ। ଏହା ଜରିଆରେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ପ୍ଲାଟଫର୍ମରେ ଜନ ସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇ *(ପୃଷ୍ଠା ୭ରେ)*

(ପୃଷ୍ଠା ୭ରେ)

# 'ସବୁଜ ଗତିଶୀଳତା ଅଭିଯାନ'ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଗାନ୍ଧିନଗର, ୨୬।୮**

ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଦିଗରେ ଏକ ପ୍ରମୁଖ ପଦକ୍ଷେପ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଗୁଜୁରାଟର ହଂସଲପୁରରେ 'ସବୁଜ ଗତିଶୀଳତା ପଦକ୍ଷେପ'ର ଶୁଭାରମ୍ଭ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗଣେଶ ଉତ୍ସବର ଉତ୍ସାହ ମଧ୍ୟରେ, ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ସେ କହିଛନ୍ତି ଯେ ଏହା 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ'ର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଆଜିଠାରୁ ଭାରତରେ ନିର୍ମିତ ବୈଦ୍ୟୁତିକ ଯାନଗୁଡ଼ିକ ୧୦୦ ଟି ଦେଶକୁ ରପ୍ତାନି କରାଯିବ। ସେ ଦେଶରେ ହାଇବ୍ରିଡ୍



ବ୍ୟାଟେରୀ ଇଲେକ୍ଟ୍ରୋଡ୍ ଉତ୍ପାଦନ ଆରମ୍ଭ କରିବାର ମଧ୍ୟ ଘୋଷଣା କରିଥିଲେ। ଆଜିର ଏହି ଦିନଟି ଭାରତ ଏବଂ ଜାପାନ ମଧ୍ୟରେ ବନ୍ଧୁତାରେ ଏକ ନୂତନ ପରିମାଣ ଯୋଡିଥାଏ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଭାରତ, ଜାପାନ ଏବଂ ସୁଜୁକି ମୋଟର କର୍ପୋରେସନର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗଣେଶ ଉତ୍ସବର ଆନନ୍ଦମୟ ପରିବେଶ ମଧ୍ୟରେ, ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡା ହେଉଛି। ସେ ମନ୍ତବ୍ୟ ଦେଇଥିଲେ ଯେ, ଏହା 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ।

## ୩ ରାଜ୍ୟକୁ ମିଳିଲା ୨୮୪ କୋଟି ଟଙ୍କା

# ଓଡ଼ିଶା ପାଇଁ ୨୪୦ କୋଟିରୁ ଅଧିକ ଅନୁଦାନ

**ନୂଆଦିଲ୍ଲୀ, ୨୬।୮**

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଓଡ଼ିଶା ସମେତ ତିନୋଟି ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ଜାରି କରିଛନ୍ତି । ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଜାରି କରାଯାଇଛି। ଓଡ଼ିଶାକୁ ୨୪୦.୮୧୪୯ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ ଏବଂ ୬୩ଟି ବ୍ଲକ୍ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ମିଜୋରାମକୁ ୧୪.୨୭୬୧ କୋଟି ଏବଂ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ଆବଣ୍ଟନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି।

ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି)/ ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆରଆଇ) ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଜାରି କରିବାକୁ ସୁପାରିସ କରିଥା'ନ୍ତି। ଗୋଟିଏ ବର୍ଷରେ ୨ଟି କିସ୍ତି ଆକାରରେ ଏହି ଆବଣ୍ଟିତ ଅନୁଦାନ ସୁପାରିସ ଏବଂ ଜାରି କରାଯାଇଥାଏ। ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ଅଣତିରିଶ (୨୯) ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆରଏଲବି / ପିଆରଆଇଗୁଡ଼ିକ ଏହି ଅନୁଦାନ ବ୍ୟବହାର କରିବେ। ତେବେ ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବ ନାହିଁ। ମୌଳିକ ସେବା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଯାଜପୁରରେ ବନ୍ୟାପାଣିରୁ ୨୩ ଦିନର ଶିଶୁକୁ ଉଦ୍ଧାର ।
- ସୁନ୍ଦରଗଡ କେନାଲରେ ପିକଅପ ଭ୍ୟାନ ଓଲଟିଗଲା : ଜଣେ ମୃତ୍ୟୁ, ଅନେକ ଆହତ ।
- ଓଡିଶାରେ ଗୋଟିଏ ଗ୍ରୋସରୀ ଦୋକାନରେ ଲାଗିଥିବା ଅଗ୍ନିରେ ଦମ୍ପତିଙ୍କ ମୃତ୍ୟୁ । ପୁଲିସ ତଦନ୍ତ ଜାରୀ ।
- ଇସ୍ରାଏଲର ଗାଜା ହସ୍ପିଟାଲରେ ମିସାଇଲ୍ ଆକ୍ରମଣରେ ୫ ସାମ୍ବାଦିକଙ୍କ ମୃତ୍ୟୁ । ବିଶ୍ୱବ୍ୟାପୀ ପ୍ରତିକ୍ରିୟା ।
- ରେଭେନ୍ୟୁ କର୍ମଚାରୀ ଆନ୍ଦୋଳନ ଶେଷ, ଆଜିଠାରୁ କାର୍ଯ୍ୟକୁ ଫେରିବେ ।
- ୫ବର୍ଷପରେ ଟିକ୍-ଟକ୍ ବ୍ୟାନ ଉଠିବାକୁ ନେଇ ଆଲୋଚନା ।
- ଆଜି ମିଳିବ ସିଏମ୍ କିଷାନର ତୃତୀୟ କିସ୍ତି ।
- ରାଜ୍ୟରେ ବନ୍ୟା ସ୍ଥିତି ବାବଦରେ ରାଜ୍ୟପାଳଙ୍କୁ ଅବଗତ କରାଇଲେ ରାଜସ୍ୱ ମନ୍ତ୍ରୀ।

## ଏକାଳ ପଖାଳ



ବିଘ୍ନବିନାଶକ, ଗଣପତି ତୁମେ
ତୁମେ ହିଁ ତ ଗଜାନନ
ପ୍ରଣାମ ଘେନହେ କଳିକାଳେ ପ୍ରଭୂ
ଦୂଷିତ ସଭିଁଙ୍କ ମନ
ନାହିଁ ସଦ୍‌ବୃଦ୍ଧି ଜ୍ଞାନ
ସଭ୍ୟତା ସଂସ୍କୃତି ବଞ୍ଚାଅ ହେ ଦେବ
ଦିଗୋଡିଆଙ୍କୁ ଦେଇ ପାନ।

# ହେରିଟେଜ ପଲିସି ଆଣିବେ ସରକାର

**ଭୁବନେଶ୍ୱର, ୨୬।୮ : ନ୍ୟୁଜ୍ ବ୍ୟୁରୋ**

ଖୁବଶୀଘ୍ର ରାଜ୍ୟ ସରକାର ହେରିଟେଜ ପଲିସି ବା ଐତିହ୍ୟ ନୀତି ଆଣିବାକୁ ଯାଉଛନ୍ତି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ୩ ହଜାରରୁ ଉର୍ଦ୍ଧ୍ୱ ପୁରୁଣା କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ଏହି ନୀତି ପ୍ରସ୍ତୁତି କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଅଧ୍ୟକ୍ଷତାରେ ୩ ବିଭାଗ (ପର୍ଯ୍ୟଟନ, ସଂସ୍କୃତି ଏବଂ ପୂର୍ତ୍ତ)ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି ଖୁବ୍ ଶୀଘ୍ର ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ। ସଂସ୍କୃତି ବିଭାଗ ହେରିଟେଜ ପଲିସି ଆଣିବ। ପର୍ଯ୍ୟଟନ ବିଭାଗ ୭୫ ଟି ଡେଷ୍ଟିନେସନ ଚିହ୍ନଟ କରିବ । ପ୍ରଥମ ପର୍ଯ୍ୟାୟରେ ସେହି ସବୁ କିର୍ତ୍ତୀରାଜିସ୍ଥଳୀ ଗୁଡିକର ସଂରକ୍ଷଣ ଏବଂ ସୁରକ୍ଷା କରାଯିବ। ତାସହ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯିବ। ରତ୍ନଗିରିରୁ ଅନେକ ପୁରୁଣା କୀର୍ତ୍ତିରାଜି ଏବଂ ଲେଖା ମିଳିଛି। ସେସବୁକୁ ମଧ୍ୟ ସୁରକ୍ଷା ଏବଂ ସଂରକ୍ଷଣ ସରକାରଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ।

# ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠିତ



**ଭୁବନେଶ୍ୱର, ୨୬।୮ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିଚାଳନା କମିଟିର ପୁର୍ନଗଠନ କରାଯାଇଛି। ରାଜ୍ୟ ସରକାର ଏହି କମିଟିରେ ୧୦ ଜଣଙ୍କୁ ମନୋନୀତ ସଭ୍ୟ ଭାବେ ରଖିଛନ୍ତି। ଆଇନ୍ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ପରିଚାଳନା କମିଟିରେ ନୂତନ ଭାବେ ମନୋନୀତ ହୋଇଥିବା ସଭ୍ୟ ହେଲେ ମୁକ୍ତି ମଣ୍ଡପର ସିଦ୍ଧେଶ୍ୱର ମହାପାତ୍ର, କୃଷ୍ଣ ଚନ୍ଦ୍ର, ମଧୁସୂଧନ ସିଂହାରୀ, ରାମନାରାୟଣ ଗୋଛିକାର, ପୂର୍ବତନ ସିଏଜି ଗିରିଶ ମୁର୍ମୁ, ଚାଟର୍ଡ ଆକାଉଣ୍ଟାଣ୍ଟ ଏ କେ ସାବତ ଏବଂ ମହେଶ କୁମାର ସାହୁ ।

ଏ ସମ୍ପର୍କରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ପରିଚାଳନା କମିଟି ଗଠନ ପାଇଁ ଅପେକ୍ଷା ଥିଲା ତାହା ହୋଇସାରିଛି। ଶ୍ରୀ ମନ୍ଦିରର ଯେଉଁସବୁ ନିତିକାନ୍ତିଠୁ ନେଇ ମନ୍ଦିର ଦର୍ଶନ ପର୍ଯ୍ୟନ୍ତ ପକ୍ରିୟା ରହିଛି ତାହାର ସୁପରିଚାଳନା ନେଇ ଏହା ସହାୟକ ହେବ। ବିଶେଷ କରି ରତ୍ନଭଣ୍ଡାରର ଆଗକୁ ଯେଉଁ କାମ ଅଛି ଯେପରିକି ଅଳଙ୍କାର ସ୍ଥାନାନ୍ତରଣ, ଗଣତି ମଣତି, ଧାଡ଼ି ଦର୍ଶନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଏହି ସବୁ କାମ ପାଇଁ ପରିଚାଳନା କମିଟି ହେବା ପରେ ଏସବୁକୁ ତ୍ୱରାନ୍ୱିତ ଗତିରେ *(ପୃଷ୍ଠା ୭ରେ)*

# ୨୯ ତାରିଖ ସରକାରୀ ଛୁଟି

**ଭୁବନେଶ୍ୱର, ୨୬।୮**
**ନ୍ୟୁଜ୍ ବ୍ୟୁରୋ**

କୃଷି ଭିତ୍ତିକ ଗଣପର୍ବ ନୂଆ ଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟ ସ୍ୱଜନ *(ପୃଷ୍ଠା ୭ରେ)*

# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ରାଜସ୍ୱ ମନ୍ତ୍ରୀ

**ଯାଜପୁର, ୨୬।୮ : ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଶ୍ରୀ ପୂଜାରୀ ଯାଜପୁର ଜିଲ୍ଲା ଦଶରଥ ପୁର ବ୍ଲକ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ବିପନ୍ନ ଲୋକମାନଙ୍କୁ ରିଲିଫ୍ ଏବଂ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ମନ୍ତ୍ରୀ କାଣି ନଦୀରେ ସୃଷ୍ଟି ହୋଇଥିବା ଘାଇ ସ୍ଥାନ ମଧ୍ୟ ପରିଦର୍ଶନ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରଥିଲେ। ଉଭୟ ରାଜସ୍ୱ ଏବଂ ଜଳସମ୍ପଦ ବିଭାଗର ଅଧିକାରୀ ମାନେ ମଧ୍ୟ ମନ୍ତ୍ରୀଙ୍କ ସହ ଯାଜପୁର ଜିଲ୍ଲାର ପ୍ରଭାବିତ ଅଞ୍ଚଳ ବୁଲିଥିଲେ। ଘାଇ ସୃଷ୍ଟି *(ପୃଷ୍ଠା ୭ରେ)*

# ଆତ୍ମନିର୍ଭରଶୀଳତା ଭବିଷ୍ୟତର ଯୁଦ୍ଧରେ ବିଜୟର ଚାବି ହେବ




**ନୂଆଦିଲ୍ଲୀ, ୨୬।୮**

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ୍ ଚୌହାନ୍ ଭବିଷ୍ୟତ ଯୁଦ୍ଧରେ ବିଜୟ ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ଷେତ୍ରରେ ତ୍ୱରିତ ଓ ନିଷ୍ପତ୍ତିମୂଳକ ମିଳିତ ପ୍ରତିକ୍ରିୟାର ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ ଭବିଷ୍ୟତର ଯୁଦ୍ଧ ସୀମା ଚିହ୍ନିବାକୁ ନାହିଁ। ସୁଦୃଢ ନାଗରିକ ସୈନ୍ୟ ଏକତ୍ରୀକରଣ ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶରେ ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳବାର ଜେନେରାଲ୍ ଅନୀଲ୍ ଚୌହାନ୍ ମଧ୍ୟପ୍ରଦେଶର ଡ. ଆମ୍ବେଦକର ନଗର ସ୍ଥିତ ଆର୍ମି ୱାର୍ କଲେଜ୍ ରେ 'ଯୁଦ୍ଧ ଉପରେ ପ୍ରଯୁକ୍ତିର ପ୍ରଭାବ' ବିଷୟରେ ଏକ ତିନି ସେନା ବିଭାଗ ମିଶ୍ରିତ ସେମିନାର 'ରଣ ସମ୍ବାଦ'ରେ ମୁଖ୍ୟ ଅଭିଭାଷଣ ପ୍ରଦାନ କରିଛନ୍ତି। ଏହି ଦୁଇ ଦିନିଆ ସଂଗୋଷ୍ଠୀରେ ସେବାରତ ସେନା ଅଫିସରମାନଙ୍କୁ ରଣନୀତିଗତ ସମ୍ବାଦର ଅଗ୍ରଭାଗରେ ଅଣାଯିବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୨୭ ଅଗଷ୍ଟରେ ଏହି ସମ୍ମିଳନୀର ଦ୍ୱିତୀୟ ଓ ଶେଷ ଦିନରେ ସମାପନ ଅଧିବେଶନକୁ ସମ୍ବୋଧନ କରିବେ। ଏହି ସମୟରେ କିଛି ଯୁକ୍ତ ସିଦ୍ଧାନ୍ତ, ପ୍ରଯୁକ୍ତି ଦୃଷ୍ଟିକୋଣ ଓ କ୍ଷମତା ରୋଡମ୍ୟାପ୍ ମଧ୍ୟ ପ୍ରକାଶ *(ପୃଷ୍ଠା ୭ରେ)*






বক্র তুণ্ড মহাকায়
সূর্য্যকোটি সমপ্রভ
নির্বিঘ্নং কুরুমে দেব
সর্ব কর্য্যেষু সর্বদা

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalikaa.in

# ସମ୍ବାଦ କଳିକା

The Sambad Kalika

E-mail: sambadkalikanews@gmail.com

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

8 ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୨୦୯ ● ୨୭ ଅଗଷ୍ଟ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-209 ● 27th August 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



ଉପସ୍ଥାପକ

JAY BHARAT FOUNDATION ODISHA



ପ୍ରାୟୋଜକ

BHARAT™ MASALA

*The Taste of New India*

## ଭାରତ ଯେଉଁଠି, ପ୍ରତିଭା ସେଇଠି

# ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ
# ୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫



ଉଦ୍‌ଘାଟକ

**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**
ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାର



ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ**
ମାନ୍ୟବର ସାଂସଦ, ରାଜ୍ୟସଭା



ସମ୍ମାନିତ ଅତିଥି

**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ**
ମାନ୍ୟବର ବାଙ୍କୀ ବିଧାୟକ



ସମ୍ମାନିତ ଅତିଥି

**ଶ୍ରୀମତୀ ସୋଫିଆ ଫିର୍ଦୌଷ**
ମାନ୍ୟବର ବାରବାଟୀ-କଟକ ବିଧାୟିକା



ସମ୍ମାନିତ ଅତିଥି

**ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)**
ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର



ସମ୍ମାନିତ ଅତିଥି

**ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା**
ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ, ଏସ୍.ସି.ବି. ମେଡିକାଲ୍ କଲେଜ, କଟକ

## ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ



ଭାରତ ଗୌରବ ସମ୍ମାନ

**ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି**
(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)



ସେବା ଭାରତ ସମ୍ମାନ

**ଡ. କେଶବ ଚନ୍ଦ୍ର ଶତପଥୀ**
(ଡି.ଏ.ଭି ସ୍କୁଲ ନିର୍ଦ୍ଦେଶକ, ଓଡ଼ିଶା)



କଥା ଭାରତ ସମ୍ମାନ

**ଡ. ଅରବିନ୍ଦ ବେହେରା**
(ଆଇ.ଏ.ଏସ୍.)



ସଂସ୍କୃତି ଭାରତ ସମ୍ମାନ

**ଡ. ଶ୍ୱେତ କୁମାର ଦାଶ**
(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)



କ୍ରୀଡ଼ା ଭାରତ ସମ୍ମାନ

**ଶ୍ରୀ କିଶୋର ଚନ୍ଦ୍ର ଜେନା**
(ଏସିଆନ ରୌପ୍ୟ ବିଜୟୀ)



ବିଦ୍ୟା ଭାରତ ସମ୍ମାନ

**ତପେଶ୍ୱର ବାଗ**
(+୨ ବିଜ୍ଞାନ)



ବିଦ୍ୟା ଭାରତ ସମ୍ମାନ

**ଆର୍ଚ୍ଚି ଚିନ୍ମୟୀ ପ୍ରଧାନ**
(+୨ ବାଣିଜ୍ୟ)



ବିଦ୍ୟା ଭାରତ ସମ୍ମାନ

**ପ୍ରିୟଦର୍ଶିନୀ ଗଡ଼ନାୟକ**
(+୨ କଳା)

ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା

Required Sales Executive. Both Male and Female can apply at: info@bharatmasala.in

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆରମ୍ଭ ହେଲା ବାଣିଜ୍ୟ ଯୁଦ୍ଧ !

'ମେକ୍ ଇନ୍ ଇଣ୍ଡିଆ' VS 'ମେକ୍ ଇନ୍ ଆମେରିକା' । ଉଭୟ ଦେଶର ଗୋଟିଏ ଭଲ ପଦକ୍ଷେପ। ନିଜ ନିଜ ଦେଶରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଆରମ୍ଭ କରାଯାଇଛି ଯୋଜନା । ଏହି ଉଭୟ ଯୋଜନାର ଲକ୍ଷ୍ୟ, ଘରୋଇ ଶିଳ୍ପକୁ ପ୍ରୋତ୍ସାହିତ କରିବା। ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଓ ନିଯୁକ୍ତି ସୃଷ୍ଟି କରିବା। ଏପର୍ଯ୍ୟନ୍ତ ଏହାକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଚର୍ଚ୍ଚା ହୁଏ । କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମହତ୍ୱାକାଂକ୍ଷୀ 'ମେକ୍ ଇନ୍ ଆମେରିକା'କୁ ଆମେରିକାର ଏକ ବାଣିଜ୍ୟ ଯୁଦ୍ଧରେ ପରିଣତ କରିଛି । ସେ ଶୁଳ୍କ ଯୁଦ୍ଧ ମାଧ୍ୟମରେ 'ମେକ୍ ଇନ୍ ଆମେରିକା'ର ଉଦ୍ଦେଶ୍ୟ ହାସଲ କରିବାକୁ ଚାହୁଁଛନ୍ତି। ଯଦି 'ମେକ୍ ଇନ୍ ଆମେରିକା' କେବଳ ଆମେରିକାର ବାଣିଜ୍ୟ ଏଜେଣ୍ଡା ହୋଇଥାନ୍ତା, ତେବେ ଏହା ଠିକ୍ ହୋଇଥାନ୍ତା । କିନ୍ତୁ ଟ୍ରମ୍ପ ଏହାକୁ ଏକ ଭୂ-ରଣନୀତିକ ଏଜେଣ୍ଡାରେ ପରିଣତ କରିଛନ୍ତି ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ । ସେ ବିଶ୍ୱର ଦେଶଗୁଡ଼ିକର ବୈଦେଶିକ ନୀତିକୁ ତାଙ୍କ ଇଚ୍ଛା ଅନୁଯାୟୀ ଚଳାଇବାକୁ ଚାହୁଁଛନ୍ତି। ଭାରତ ଦ୍ୱାରା ରୁଷଠାରୁ ଅଶୋଧିତ ତୈଳ କ୍ରୟକୁ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶର ଆବଶ୍ୟକତାର ପ୍ରିଜ୍ମରୁ ଦେଖିବା ପରିବର୍ତ୍ତେ ୟୁକ୍ରେନ୍ ଯୁଦ୍ଧର ପ୍ରିଜ୍ମରୁ ଦେଖିବା ଟ୍ରମ୍ପଙ୍କ ଏହି ନୀତିର ଏକ ଅଂଶ। ଟ୍ରମ୍ପ୍ ଅନୁଭବ କରନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଆମେରିକା ଏହାର ବାଣିଜ୍ୟ ଅଂଶୀଦାରମାନଙ୍କୁ ଅନାବଶ୍ୟକ ରିହାତି ଦେଇଛି। ଏଥିପାଇଁ ସେ ପୂର୍ବତନ ରାଷ୍ଟ୍ରପତି ଏବଂ ଡେମୋକ୍ରାଟିକ୍ ନେତା ଜୋ ବାଇଡେନଙ୍କ ନୀତିକୁ ଦାୟୀ କରନ୍ତି। ସେ ଯେକୌଣସି ମୂଲ୍ୟରେ ଏହାକୁ ଓଲଟାଇ ଦେବାକୁ ଚାହାଁନ୍ତି। ଟ୍ରମ୍ପ୍ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୭ରେ 'ମେକ୍ ଇନ୍ ଆମେରିକା' ନୀତି ଆରମ୍ଭ କରିଥିଲେ। କିନ୍ତୁ ୨୦୨୫ରେ ଦ୍ୱିତୀୟ କାର୍ଯ୍ୟକାଳ ସହିତ, ଟ୍ରମ୍ପ ଏହି ନୀତି ପ୍ରତି ଆକ୍ରମଣାତ୍ମକ ଏବଂ ଜିଦ୍‌ଖୋର ହୋଇଗଲେ। ଏହି ନୀତିର ଲକ୍ଷ୍ୟ ହେଉଛି 'ଚିପ୍ସ ଠାରୁ ଜାହାଜ ପର୍ଯ୍ୟନ୍ତ' ସବୁକିଛି ଆମେରିକାରେ ତିଆରି କରିବା । ୨୧ ଟ୍ରିଲିୟନ ଅର୍ଥନୀତି ଏବଂ ୪୧,୦୭୧ ଡଲାର ପ୍ରତି ମୁଣ୍ଡପିଛା ଆୟ ସହିତ, ଉନ୍ନତ ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ନବସୃଜନ ଆମେରିକାର ଶକ୍ତି । ଏହି ଶକ୍ତି ଆମେରିକାକୁ ଅନ୍ତର୍ଜାତୀୟ ଚୁକ୍ତି, ଅନ୍ତର୍ଜାତୀୟ ପ୍ରତିଷ୍ଠାନ ଓ ପ୍ରଚଳିତ ବାଣିଜ୍ୟ ମାନଦଣ୍ଡକୁ ଅନୁସରଣ ନ କରି ଅହଂକାରୀ ଭାବରେ କାର୍ଯ୍ୟ କରିବାର ଅଧିକାର ମଧ୍ୟ ଦିଏ । ଏହି କାରଣରୁ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ଏହା ବ୍ୟତୀତ, ସେ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଦଣ୍ଡ ଲାଗୁ କରିବା ବିଷୟରେ ମଧ୍ୟ କଥା ହୋଇଥିଲେ। ଯାହାଦ୍ୱାରା ଭାରତରୁ ଆମେରିକାକୁ ଆମଦାନୀ ହେଉଥିବା ଉତ୍ପାଦ ମହଙ୍ଗା ହୋଇଯାଏ ଏବଂ କମ୍ପାନୀଗୁଡ଼ିକୁ ସ୍ଥାନୀୟ ଭାବରେ ଉତ୍ପାଦନ କରିବାକୁ ବାଧ୍ୟ କରାଯାଏ।

# ଭାରତୀୟ ଜାତୀୟତା ଓ ଶ୍ରୀଗଣେଶ ଚତୁର୍ଥୀ



**ପବିତ୍ର ମୋହନ ବାରିକ**
**ଅଧ୍ୟାପକ, ଇତିହାସ ବିଭାଗ**
**ମଦନପୁର, ଖୋର୍ଦ୍ଧା**
**ମୋ-୮୮୯୫୧୯୦୪୭୫**

ହିନ୍ଦୁ ଧାର୍ମିକ ପରମ୍ପରାରେ ବୈଷ୍ଣବ, ଶୈବ, ଶାକ୍ତ, ସୌର ଓ ବାଣିଜ୍ୟ ସମ୍ପ୍ରଦାୟ ସର୍ବଦା ନିଜସ୍ୱ ଭାବଧାରାକୁ ପ୍ରଚାର ପ୍ରସାର ଦିଗରେ ନିଜକୁ ନିୟୋଜିତ କରିଥାନ୍ତି । ହିନ୍ଦୁ ସଂସ୍କୃତିରେ ଗଣପତି ଉପାସନାର ସ୍ଥାନ ସ୍ୱତନ୍ତ୍ର । ପଞ୍ଚ ଦେବତା ଉପାସନା କ୍ଷେତ୍ରରେ ଗଣ ଦେବତା, ଶ୍ରୀଗଣେଶ ଅଗ୍ରପୂଜ୍ୟ । ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର, ବେଦ, ପୁରାଣ, ଉପନିଷେଦ ପ୍ରଭୃତିରେ ଶ୍ରୀଗଣେଶ ମହାପ୍ରଭୁଙ୍କର ଅନେକ ନାମ ଉଲ୍ଲେଖ ଅଛି । କିନ୍ତୁ ମୁଖ୍ୟତ ଆଠଟି ନାମରେ ବିଶେଷ ପ୍ରସିଦ୍ଧ ଲାଭ କରିଛନ୍ତି । ସେହି ଆଠଟି ନାମ ହେଲା ଯଥା-ଗଣେଶ, ଏକଦନ୍ତ, ବିଘ୍ନବିନାୟକ, ଲମ୍ବୋଦର, ଶୂର୍ପକର୍ଣ୍ଣ, ଗଜଦନ୍ତ ଓ ବୃହାଗ୍ରଜ । ଏହି ନାମ ମାନଙ୍କର ତାତ୍ତ୍ୱିକ ବ୍ୟାଖ୍ୟା ମଧ୍ୟ ରହିଛି । ବିଭିନ୍ନ କ୍ଷେତ୍ରରେ ଏହି ନାମକୁ ବହୁଳ ଭାବରେ ବ୍ୟବହାର କରାଯାଏ । ଭାରତ ବର୍ଷର ପ୍ରତ୍ୟେକ ରାଜ୍ୟରେ ସଂଖ୍ୟାଧିକ ଶ୍ରୀଗଣେଶ ମନ୍ଦିର ରହିଥିବାର ଜଣାଯାଏ । ଏହା ବ୍ୟତୀତ ଶ୍ରୀ ବିଘ୍ନରାଜ ଗଣେଶ ମହାପ୍ରଭୁଙ୍କର ୨୧ଟି ପ୍ରସିଦ୍ଧ ମହିମା ବିମଣ୍ଡିତ ମନ୍ଦିର ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି । ପୁନେଠାରୁ ୬୦କି.ମି.ଦୂରରେ ମୋରେଶ୍ୱର ଗଣେଶ ମନ୍ଦିର ଅବସ୍ଥିତ ଏଠାରେ ଗଣେଶଙ୍କର ମୂଷିକ ବାହାନ ନହୋଇ ମୟୁର ଉପରେ ଆସୀନ ହୋଇଛନ୍ତି । ତେଣୁ ଏହାକୁ ମୟୁରେଶ୍ୱର ଗଣେଶ କୁହନ୍ତି । ଗୟା ଠାରେ ଓଁ କାର ଗଣପତି ମନ୍ଦିର ଅବସ୍ଥିତ । ଚିନ୍ତାମଣି ଗଣେଶ ମନ୍ଦିର କଲୋମ୍ବୋ ଠାରେ ବିଦ୍ୟମାନ, ଏହାର ପୁରାତନ ନାମ କଲମପୁର । ଏହା ଅପଭ୍ରଂଶ ହୋଇ କଲମ୍ବୋ ହୋଇଛି । ଶମୀ ବିଘ୍ନେଶ କ୍ଷେତ୍ର ନାଗପୁର ନିକଟରେ ଅବସ୍ଥିତ । ବଲ୍ଲାଳ ବିନାୟକ କ୍ଷେତ୍ର ମହାରାଷ୍ଟ୍ରର ପାଲିଠାରେ ଅବସ୍ଥିତ । ବଲ୍ଲାଳ ନାମକ ---ଶ୍ରଦ୍ଧା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଏଠାରେ ପ୍ରକଟିତ ହୋଇଥିଲେ । ମଙ୍ଗଳ ମୂର୍ତ୍ତି କ୍ଷେତ୍ର ନର୍ମଦା ନଦୀ କୂଳରେ ଅବସ୍ଥିତ ଥିଲା ବୋଲି ବିଦ୍ୱାନମାନେ କୁହନ୍ତି, ବର୍ତ୍ତମାନ ଏହା ଜଣାପଡୁନାହିଁ । ସମ୍ଭବତଃ ଏହା ଲୁପ୍ତ, ମଙ୍ଗଳ ଗ୍ରହ ଏଠାରେ ଗଣେଶଙ୍କୁ ତପସ୍ୟା କରିଥିଲେ ବୋଲି କୁହାଯାଏ । ଭାଲଚନ୍ଦ୍ର ଗଣେଶ ପୀଠ ମହାରାଷ୍ଟ୍ରର ମନମାଡ ରେଳଷ୍ଟେସନ ନିକଟରେ ଅବସ୍ଥିତ । ଚନ୍ଦ୍ରଦେବ ଏଠାରେ ଗଣେଶଙ୍କୁ ତପସ୍ୟା କରିଥିଲେ ବୋଲି ଲୋକ ବିଶ୍ୱାସ ରହିଛି । ବିଜ୍ଞାନ ଗଣେଶକ୍ଷେତ୍ର ଜାଇନା ଠାରୁ ୫୫କି.ମି. ଦୂରରେ ଗୋଦାବରୀ ନଦୀ କୂଳରେ ଅବସ୍ଥିତ । ଥେଭୁର ଗଣେଶ କ୍ଷେତ୍ର ପୁନା ଠାରୁ ୮କି.ମ.ଦୂରରେ ଅବସ୍ଥିତ । ସିଦ୍ଧିଟେକ ଗଣେଶ ମନ୍ଦିର ମୁମ୍ବାଇ ନଗରୀର ବୋରିବଲି ଠାରେ ଅବସ୍ଥିତ । ଏହି ସ୍ଥାନର ପୂର୍ବନାମ ଥିଲା ସିଦ୍ଧିଗ୍ରାମ । ମରିଗପୁର ଗଣେଶ କ୍ଷେତ୍ର ପୁନା ନିକଟରେ ଅବସ୍ଥିତ । ବିଜୟପୁର ଗଣେଶ କ୍ଷେତ୍ର ବାଙ୍ଗାଲୋରଠାରୁ ୨୮କି.ମି.ଦୂରରେ ଅବସ୍ଥିତ । କଶ୍ୟପାଶ୍ରମ ଗଣେଶ କ୍ଷେତ୍ର ସମ୍ପର୍କରେ ବିଭିନ୍ନ ଗ୍ରନ୍ଥରେ ଉଲ୍ଲେଖ ଥିଲେ ମଧ୍ୟ ଏହାର ଅବସ୍ଥିତି ଜଣାପଡୁନାହିଁ । ସମ୍ଭବତଃ ଏହା କାଶ୍ମୀରରେ ଅବସ୍ଥିତ । କାରଣ କଶ୍ୟପ ଋଷିଙ୍କ ନାମରୁ କାଶ୍ମୀର ହୋଇଛି । ହିମାଳୟର ପାର୍ବତ୍ୟ ଅଞ୍ଚଳ ବା ଏହାର ପାଦ ଦେଶରେ ଅବସ୍ଥିତ ଥିବାର ଅନୁମାନ କରାଯାଏ । ଜଳେଶ୍ୱପୁର ଗଣେଶପୀଠ ସମ୍ପର୍କରେ କୌଣସି ତଥ୍ୟ ଲୋକ ଲୋଚନକୁ ଆସୁନାହିଁ । ସମ୍ଭବତଃ ଏହି କ୍ଷେତ୍ର ଲୁପ୍ତ ପ୍ରାୟ ହୋଇଯାଇଛି । ମହାରାଷ୍ଟ୍ରର ପୁନା ଜିଲ୍ଲାର ଜୁଅର ଠାରୁ ପାଖାପାଖି ୮କି.ମି.ଦୂରରେ ଲେହାଦ୍ରି ଗଣେଶ ମନ୍ଦିର ରହିଛି । କୁହାଯାଏ ଦେବୀ ପାର୍ବତୀ ଗଣେଶଙ୍କୁ ପୁତ୍ରରୂପେ ଲାଭ କରିବା ନିମନ୍ତ ତପସ୍ୟା କରିଥିଲେ । ମହାରାଷ୍ଟ୍ରର ଓ୍ୱରଙ୍ଗାବାଦ୍‌ର ନିକଟରେ ରହିଛି ବେରୋଳ ଗଣେଶ କ୍ଷେତ୍ର । ଏହା ନିକଟରେ ଘୃର୍ଣ୍ଣେଶ୍ୱର ଜୋତିଲିଙ୍ଗ ବିରାଜମାନ । ତାରକାସୁରକୁ ବଧ କରିବା ନିମନ୍ତେ କାର୍ତ୍ତିକେୟ, ଶ୍ରୀଗଣେଶଙ୍କ ମୂର୍ତ୍ତି ଏଠାରେ ପ୍ରତିଷ୍ଠା କରିବାରୁ ସଫଳତା ପାଇଥିଲେ । କାର୍ତ୍ତିକେୟଙ୍କ ଦ୍ୱାରା ସ୍ଥାପିତ ଏହି ଗଣେଶଙ୍କ ନାମ ଲକ୍ଷବିନାୟକ । ମହାରାଷ୍ଟ୍ରର ମହସାବାଦ୍ ରେଳଷ୍ଟେସନ ଠାରୁ ୮କି.ମି. ଦୂରରେ ରହିଛି ପଦ୍ମାଳୟା ଗଣଶ ମନ୍ଦିର । ସହସ୍ରାର୍ଜୁନ ଶେଷଦେବ ଏଠାରେ ଅଲଗା-ଅଲଗା ଦୁଇଟି ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା କରୁଥିଲେ । ତେଣୁ ଏଠାରେ ମନ୍ଦିରରେ ଦୁଇଟି ଗଣେଶ ମୂର୍ତ୍ତି ଦେଖିବାକୁ ମିଳେ । ମନ୍ଦିର ସମ୍ମୁଖରେ ଇରମ ନାମକ ଏକ ପବିତ୍ର ପୁଷ୍କରିଣୀ ଅଛି, ଯାହା ଏହି କ୍ଷେତ୍ରକୁ ଅଧିକ ମହିମାମଣ୍ଡିତ କରୁଅଛି । ନାମଲଗାଁ ଗଣେଶ କ୍ଷେତ୍ର କାଚିଗୁଡା ମନମାଡ ରେଳ ଲାଇନ କଡରେ ଅବସ୍ଥିତ । କୁହାଯାଏ ଯମରାଜ ନିଜ ମାତାଙ୍କ ଶାପ ମୋଚନ ନିମନ୍ତେ ଏଠାରେ ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା କରିଥଲେ । ଏହି ଗଣେଶ ଠାକୁରଙ୍କୁ ପୂଜା କଲେ ମନସ୍କାମନା ପୂର୍ଣ ହେଉଥିବାରୁ, ତେଣୁ ଲୋକମୁଖରେ ଏହି ଗଣେଶଙ୍କ ନାମ ଆଶାପୂରକ ଗଣେଶ ଓ କ୍ଷେତ୍ରର ନାମ ଆଶାପୂରକ ଗଣେଶ କ୍ଷେତ୍ର । ଏଠାରେ ଏକ ପବିତ୍ର ଜଳକୁଣ୍ଡ ଅଛି, ଯାହାର ନାମ ଶୁଦ୍ଧିପ୍ରଦ ତୀର୍ଥକୁଣ୍ଡ । ଅର୍ଜୁନ ଗଣେଶ କ୍ଷେତ୍ର ଜାଲନା ଷ୍ଟେସନ୍ ଠାରୁ ୨୪କି.ମି.ଦୂରରେ ଅବସ୍ଥିତ । ଏହାକୁ ରାଜସଦନ ଗଣେଶ କ୍ଷେତ୍ର ବୋଲି ମଧ୍ୟ କୁହାଯାଏ । କୁମ୍ଭ କୋଣମ ଗଣେଶ କ୍ଷେତ୍ର ଦକ୍ଷିଣ ଭାରତର ଏକ ପ୍ରସିଦ୍ଧ ତୀର୍ଥସ୍ଥାନ ଅଟେ । କାବେରୀ ନଦୀ କୂଳରେ ସୁଧା ଗଣେଶଙ୍କ ମୂର୍ତ୍ତି ରହିଛି, ସାଗରମନ୍ଥନ ସମୟରେ ଦେବତାମାନେ ମିଳିତ ହୋଇ ଏଠାରେ ଅମୃତ କଳସ ପାଇବା ନିମନ୍ତେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରି ପୂଜା କରିଥିଲେ । ଏ କ୍ଷେତ୍ରକୁ ମଧ୍ୟ ଶ୍ୱେତ-ବିଘ୍ନେଶ୍ୱର କ୍ଷେତ୍ର ନାମରେ ନାମିତ କରାଯାଏ ।

ମହାରାଷ୍ଟ୍ର ଗଣେଶଙ୍କ ପ୍ରିୟଭୂମି । ରାଜ୍ୟର ପ୍ରାୟ ଅଂଚଳରେ ଗଜାନନ ମନ୍ଦିର ଓ ଉପାସନା ସ୍ଥଳ ଦେଖିବାକୁ ମିଳେ । ଗାଣପତ୍ୟ ଉପାସନାରେ ଓଡିଶାର ସ୍ଥାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମପୁର ସହର ନିକଟସ୍ତ ପଞ୍ଚମା ଗ୍ରାମସ୍ଥ ପଞ୍ଚମା ଗଣେଶ ମନ୍ଦିର ସର୍ବପୁରାତନ ଅଟେ। ପାଣ୍ଡବମାନେ ଏଠାରେ ଶ୍ରୀଗଣେଶଙ୍କୁ ପୂଜା କରିଥିବାର ପୌରାଣିକ ପ୍ରମାଣ ମିଳେ । କାଞ୍ଚି ଅଭିଜାନ ସମୟରେ ଗଜପତି ପୁରଷୋତ୍ତମଦେବ ମଧ୍ୟ ଏଠାରେ ଗଣେଶଙ୍କୁ ଆରାଧନା କରିଥିଲେ । ଲିଂଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅନେକ ପ୍ରାଚୀନ ଭଗ୍ନ ମନ୍ଦିର ମଧ୍ୟରେ ବୁଦ୍ଧ ଗଣେଶ ମନ୍ଦିର ଅନ୍ୟତମ । ଏହା ଏକାଦଶ ଶତାବ୍ଦୀର ମନ୍ଦିର ଅଟେ ।

ଏହା ସଂରକ୍ଷିତ କୀର୍ତ୍ତିରାଜି ରୂପେ ଘୋଷିତ ହୋଇଅଛି । ଓଡ଼ିଶାର ପ୍ରତ୍ୟେକ ମନ୍ଦିରରେ ଗଣେଶଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ।

ଶ୍ରୀମନ୍ଦିରରେ ଶ୍ରୀ ଗଣେଶଙ୍କ ଉପାସନା ଅତି ପ୍ରାଚୀନ। ମହାରାଷ୍ଟ୍ରର ଗଣପତି ଭଟ୍ଟଙ୍କୁ ଗଣେଶ ରୂପରେ ଶ୍ରୀମନ୍ଦିରେ ମହାପ୍ରଭୁ ଦର୍ଶନ ଦେଇଥିଲେ। ସ୍ନାନ ବେଦିରେ ମହାପ୍ରଭୁ ଗଜାନନ ବେଶ ଧାରଣ କରାନ୍ତି। ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ୪୫ଟି ଗଣେଶ ମୂର୍ତ୍ତିକୁ ଉପାସନା କରାଯାଉଥିବା ଜଣାଯାଏ। ୨୦ଟି ମୂର୍ତ୍ତି ଭିତରେ ବେଢାରେ ଓ ୨୨ଟି ମୂର୍ତ୍ତି କାହାର ବେଢାରେ ପୂଜା ପାଉଛନ୍ତି। ଶ୍ରୀମନ୍ଦିରରେ ଗଣେଶ ମୂର୍ତ୍ତି ଗୁଡିକ ଯଥା- ବଟ ଗଣେଶ, କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ, ନୃତ୍ୟ ଗଣେଶ, ଚାର ଗଣେଶ, ବକ୍ରତୁଣ୍ଡ ଗଣେଶ ବା ଆଦି ଗଣେଶ, କାମଦ ଗଣେଶ ବା ଗୁମୁଟ ଗଣେଶ ଇତ୍ୟାଦି। ଭାରତୀୟ ଜାତୀୟ ଜୀବନ ସହିତ ଶ୍ରୀ ଗଣେଶ ଚତୁର୍ଥୀର ସଂପର୍କ ଅତି ନିବିଡ। ଶ୍ରୀ ଗଣେଶ ମହାପ୍ରଭୁଙ୍କର ଜନ୍ମୋତ୍ସବ ଗଣେଶ ଚତୁର୍ଥୀ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ମହାସମାରୋହରେ ପାଳନ କରାଯାଏ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କାର୍ଯ୍ୟାଳୟ, ବ୍ୟବସାୟିକ ଅନୁଷ୍ଠାନ, ପୁରପଲ୍ଲୀ ଠାରୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ସବୁଠାରେ ଗଣେଶ ଉତ୍ସବ ମହା ଉତ୍ସାହର ସହିତ ପାଳିତ ହୋଇଥାଏ। ଗଣେଶ ଉତ୍ସବ ଜାତୀୟତା ବୃଦ୍ଧି କରିବା ସହିତ ଜାତୀୟ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଆସିଅଛି। ଗଣେଶ ଉତ୍ସବର ଅଯଂ ଆରମ୍ଭ ସଂପର୍କରେ ଇତିହାସକାର ଓ ଗବେଷକମାନେ ନିରବ। କିନ୍ତୁ କୁହାଯାଏ ୧୬୩୦ରୁ ୧୬୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶାସନରେ ଥିବା ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ମହାରାଜାଙ୍କ ସମୟରୁ ଗଣେଶ ଉତ୍ସବ ପାଳିତ ହୋଇ ଆସୁଅଛି। ଅଷ୍ଟାଦଶ ଶତାବ୍ଦୀରେ ପେଶଓ୍ୱା ଗଣେଶଙ୍କର ଭକ୍ତ ଥିଲେ ଏବଂ ଭାଦ୍ରବ ମାସରେ ରାଜଧାନୀ ପୁଣେ ଠାରେ ଏକ ସର୍ବସାଧାରଣ ପର୍ବଭାବେ ଗଣେଶ ଉତ୍ସବ ଆୟୋଜନ କରିଥିଲେ। କିଛି ଗବେଷକ ମତବ୍ୟକ୍ତ କରନ୍ତି ବ୍ରିଟିଶ ଶାସନ ଆରମ୍ଭ ହେବା ପରେ ଗଣେଶ ମହୋତ୍ସବ ରାଜ୍ୟ ପୃଷ୍ଠପୋଷକତା ହରାଇ ମହାରାଷ୍ଟ୍ରରେ ଏକ ଘରୋଇ ପରିବାର ଉତ୍ସବରେ ପରିଣତ ହୋଇଥିଲା। କିଛି ଗବେଷକ କୁହନ୍ତି ୧୮୯୨ ମସିହାରେ ଭାଉସାହେବ ଲକ୍ଷ୍ମଣ ମିଡାଲେଙ୍କ ଦ୍ୱାରା ପୁଣେ ଠାରେ ପ୍ରଥମଥର ପାଇଁ ସାର୍ବଜନୀନ ଗଣେଶ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ଯାହାଦ୍ୱାରା ପାରିବାରିକ ଉତ୍ସବ ଜନସାଧାରଣଙ୍କ ଉତ୍ସବରେ ପରିଣତ ହେଲା। କିନ୍ତୁ ୧୮୯୩ ମସିହା ପୂର୍ବରୁ ଗଣେଶ ଉତ୍ସବର ପରିସୀମା ପ୍ରତ୍ୟେକ ହିନ୍ଦୁ ପରିବାରର ବ୍ୟକ୍ତିଗତ ପୂଜାର୍ଚ୍ଚନାରେ ଆବଦ୍ଧଥିଲା। ପରାଧୀନ ଭାରତ ବର୍ଷରେ ହିନ୍ଦୁମାନେ ନିଜର ଇଷ୍ଟଦେବତାଙ୍କୁ ସାର୍ବଜନୀନ ଭାବେ ପୂଜା କରିବାର ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇ ନଥିଲା। ଇଂରେଜମାନେ ଶାସନଗତ ପରିଚାଳନା ସୁବିଧା ନିମନ୍ତେ ହିନ୍ଦୁମାନଙ୍କୁ ଧର୍ମ, ଜାତି, ବର୍ଣ୍ଣ ଓ ସାମାଜିକ ଚଳଣି ଆଧାରରେ ସର୍ବଦା ବିଭାଜିତ କରିବାକୁ ଉଦ୍ୟମ କରିଥିଲେ। ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଜନ୍ମଲାଭ କଲା। ୧୮୮୫ରୁ ୧୯୪୭ ଦେଶ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଏ। ପ୍ରଥମ ପର୍ଯ୍ୟାୟରେ ନେତୃତ୍ୱ ନେଇଥିଲେ ଉଦାରବାଦୀ ଦେଶଭକ୍ତ ନେତାମାନେ। ଦ୍ୱିତୀୟ ପର୍ଯ୍ୟାୟରେ ଚରମବାଦୀ ପ୍ରଚଣ୍ଡ ଦେଶପ୍ରେମୀ ନେତାମାନେ ଓ ତୃତୀୟ ପର୍ଯ୍ୟାୟ ମହାନୁଭବି ମହାମାନବ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ହେଲା। କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟର ନେତୃତ୍ୱ ଲାଲା ଲଜ୍‌ପତ ରାୟ, ବାଲ୍ ଗଙ୍ଗାଧର ତିଲକ ଓ ବିପିନ୍ ବିହାରୀ ପାଲ୍‌ଙ୍କ ହସ୍ତରେ ନ୍ୟସ୍ତ ଥିଲା। ଏମାନେ ସାଧାରଣରେ ଲାଲ୍-ବାଲ୍-ପାଲ୍ ନାମରେ ଖ୍ୟାତି ଲାଭ କରିଥିଲେ। ଏମାନେ ଅନୁରୋଧ, ବିନୟ, ପ୍ରାର୍ଥନା, କରି ଇଂରେଜ କର୍ତ୍ତୃପକ୍ଷଙ୍କ ଠାରୁ ଦାବି ହାସଲ କରିବାକୁ ପସନ୍ଦ କରୁନଥିଲେ। ଏମାନେ ଥିଲେ ଚରମବାଦୀ ଓ ଦେଶ, ଜାତି ଏବଂ ମାଟି ମାଆ ପାଇଁ ନିଜର ଜୀବନ ଉତ୍ସର୍ଗ ନିମନ୍ତେ ପ୍ରସ୍ତୁତ ଥିଲେ। ସଂଗ୍ରାମ, ସଂଘର୍ଷ, ବିଦ୍ରୋହ ଓ ଆନ୍ଦୋଳନରେ ଏମାନଙ୍କର ଦୃଢ ଆସ୍ଥା ଓ ବିଶ୍ୱାସ ଥିଲା। ପ୍ରଚଣ୍ଡ ଦେଶ ପ୍ରେମୀ ଓ ସ୍ୱାଭିମାନୀ ବାଲ୍ ଗଙ୍ଗାଧର ତିଲକ୍ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରି ଜାତୀୟ ଆନ୍ଦୋଳନକୁ ତ୍ୱରାନୀତ କରିବାକୁ ପ୍ରୟାସ କଲେ। ପ୍ରଥମତଃ ଛତ୍ରପତି ଶିବାଜୀ ମହାରାଜଙ୍କର ବୀରତ୍ୱ ପୂର୍ଣ୍ଣ କାହାଣୀ ଓ ଗଣେଶ ମହୋତ୍ସବକୁ ସର୍ବସାଧାରଣରେ ପହଞ୍ଚାଇବାକୁ ଉଦ୍ୟମ କଲେ। ତାଙ୍କ ଦ୍ୱାରା ପ୍ରକାଶିତ 'କେଶରୀ' ନାମକ ପତ୍ରିକାରେ ଜାତୀୟ ଜାଗରଣ ନିମନ୍ତେ ବୀର ଶ୍ରେଷ୍ଠ ଛତ୍ରପତି ଶିବାଜୀ ଓ ବିଘ୍ନରାଜ ଗଣପତି ବାବାଙ୍କର ମହିମା ମଣ୍ଡନ କରିଥିଲେ। ଲୋକମାନ୍ୟ ବାଲ୍‌ଗଙ୍ଗାଧର ତିଲକ୍ ବିଭାଜିତ ହିନ୍ଦୁମାନଙ୍କୁ ଏକତ୍ରୀତ କରି ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ କରିବା ନିମନ୍ତେ ଗଣେଶ ଉତ୍ସବର ଲୋକ ପ୍ରିୟତା ବୃଦ୍ଧି ନିମନ୍ତେ ଉଦ୍ୟମ ଆରମ୍ଭ କଲେ। ଗଣପତିଙ୍କ ମହୋତ୍ସବ ପୂର୍ବରୁ ପ୍ରଚଳିତ "ମେରା ଘର ମେରା ଗଣପତି" ପରମ୍ପରାରେ ରୂପାନ୍ତରିତ କରିବା ପାଇଁ ଉଦ୍ୟମ କଲେ ଏବଂ ସଫଳତା ମଧ୍ୟ ଲାଭ କଲେ। ଲୋକମାନ୍ୟ ବାଲ୍‌ଗଙ୍ଗାଧର ତିଲକଙ୍କ ଉଦ୍ୟମରେ ମହାରାଷ୍ଟ୍ରର ପ୍ରତ୍ୟେକ ଗ୍ରାମ ଓ ସହରରେ ୧୦ଦିନ ବ୍ୟାପୀ ଗଣେଶୋତ୍ସବ ପାଳନ କରିବାକୁ ସ୍ଥିତର କରାଗଲା। ଲୋକମାନଙ୍କ ପ୍ରଚେଷ୍ଟାରେ ଗଣେଶ ଉତ୍ସବ ସମଗ୍ର ଦେଶରେ ଏକ ସାର୍ବଜନୀନ ଗଣପର୍ବରେ ପରିଣତ ହେଲା। ଏ ସମାଜରୁ ସମସ୍ତ ଭେଦଭା ଦୂର କରିବାରେ ସମର୍ଥ ହେବା ସହିତ ଜାତୀୟ ଚେତନା ଓ ଭାବନା ସୃଷ୍ଟିରେ ସହାୟକ ହୋଇଥିଲା। ଗଣେଶ ପୂଜା ମଣ୍ଡପରୁ ସ୍ୱତନ୍ତ୍ର ସେନାନୀ ବୀର୍ ଦାମୋଦର ବିନାୟକ ସାଭରକର ଓ ଭାରତୀୟ ମୁକ୍ତିଯୁଦ୍ଧର ଅନ୍ୟତମ ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜର ଭାଷଣ ମାଧ୍ୟମରେ ଦେଶବାସୀଙ୍କୁ ସଂଗ୍ରାମରେ ଅଂଶ ଗ୍ରହଣ ନିମନ୍ତେ ଆହ୍ୱାନ ଜଣାଇଥିଲେ। ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ ଗଣେଶ ମହୋତ୍ସବ ମାଧ୍ୟମରେ "ସ୍ୱରାଜ୍ୟ ମୋର ଜନ୍ମଗତ ଅଧିକାର ଏହାକୁ ମୁଁ ହାସଲ କରିବି"। ମନ୍ତ୍ରରେ ସମସ୍ତ ଦେଶବାସୀଙ୍କୁ ଅଭିମନ୍ତ୍ରିତ କରିବାରେ ସଫଳ ହୋଇଥିଲେ। ଗଣେଶ ପୂଜା ମଣ୍ଡପ ନିକଟରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କୁ ଯୁବକମାନେ ଇଂରେଜ ବିରୋଧୀ ପ୍ରଚାରପତ୍ର ବଣ୍ଟନ କରି ମହାସଂଗ୍ରାମରେ ଅଂଶ ଗ୍ରହଣ କରିବା ନିମନ୍ତେ ଆହ୍ୱାନ କରୁଥିଲେ। ଯାହା ପରବର୍ତ୍ତୀ ସମୟରେ ଅନେକ ସଂଗ୍ରାମୀ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ। ତିଳକ ଓ ଅନ୍ୟାନ୍ୟ ସଂଗ୍ରାମୀମାନଙ୍କର ମୂଳ ଉଦ୍ଦେଶ୍ୟ ଥିଲା ଗଣେଶ ଚତୁର୍ଥୀ ମାଧ୍ୟମରେ ହିନ୍ଦୁମାନଙ୍କୁ ଏକତ୍ରୀତ କରି ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା, ଭାରତୀୟ ମୁକ୍ତି ଯୁଦ୍ଧରେ ଗଣେଶ ଚତୁର୍ଥୀରେ ଅବଦାନକୁ କେବେ ଅସ୍ୱୀକାର କରାଯାଇ ପାରିବ ନାହିଁ।



# ବିଦ୍ୟାଦାତା ଶ୍ରୀଗଣେଶ



**ଲଳିତ ମୋହନ ମିଶ୍ର**
**ନୟାଗଡ଼,**
**ମୋ-୯୪୩୭୯୮୫୮୬୬**

ଗଣେଶ ପୂଜା ଏକ ପ୍ରମୁଖ ହିନ୍ଦୁ ପର୍ବ ଯାହା ଭାରତର ବିଭିନ୍ନ ସ୍ଥାନରେ ବିଶେଷ ଉତ୍ସାହରେ ପାଳନ କରାଯାଏ। ଏହି ପୂଜା ଗଣେଶ ଠାକୁରଙ୍କ ଉପାସନାକୁ କେନ୍ଦ୍ର କରି ହୋଇଥାଏ, ଯିଏ ହିନ୍ଦୁ ଧର୍ମରେ ବିଦ୍ୟା, ବୁଦ୍ଧି ଏବଂ ମଙ୍ଗଳମୟତାର ଦେବତା ଭାବେ ପୂଜିତ ହୁଅନ୍ତି। ଗଣେଶଙ୍କୁ 'ବିଘ୍ନହର୍ତ୍ତା' ଭାବେ ମଧ୍ୟ ପରିଚିତ କରାଯାଏ, କାରଣ ତାଙ୍କୁ ସମସ୍ତ ବିଘ୍ନ ବା ଅଡାଚଣା ଅପସାରଣ କରିବାର ଦେବତା ଭାବେ ପୂଜା କରାଯାଏ । ଗଣେଶ ଚତୁର୍ଥୀ ହେଉଛି ଭାରତୀୟ ସଂସ୍କୃତିର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ ଓ ସାଂସ୍କୃତିକ ପର୍ବ । ଯାହା ଶ୍ରୀ ଗଣେଶଙ୍କ ଜନ୍ମ ଦିବସରେ ପାଳିତ ହୁଏ। ଏହି ପର୍ବରେ ଲୋକମାନେ ଗଣେଶଙ୍କୁ ପୂଜା କରି ସମ୍ପୂର୍ଣ୍ଣ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ଜ୍ଞାନର ଆଶୀର୍ବାଦ ପ୍ରାପ୍ତ କରିବାକୁ ଇଛା ପ୍ରକାଶ କରି ମନ୍ଦିର ଏବଂ ଘରେ ପୂଜା କରନ୍ତି। ଏହା ଛାତ୍ରମାନଙ୍କ ପାଇଁ ବି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିନ ଅଟେ। ଯେଉଁଠି ସେମାନେ ଶ୍ରୀ ଗଣେଶଙ୍କୁ ବିଦ୍ୟା, ବୁଦ୍ଧି, ଧୈର୍ଯ୍ୟ ଓ ସଫଳତା ପାଇଁ ପୂଜା କରନ୍ତି। ବିଘ୍ନରାଜ ଗଣନାୟକ ପ୍ରଭୁଙ୍କର ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଗଣେଶ ଠାକୁର ଶିକ୍ଷା ଏବଂ ବୁଦ୍ଧିର ଦେବତା। ଏହି କାରଣରୁ ଗଣେଶ ପୂଜାର ଦିନଟି ବିଦ୍ୟାର୍ଥୀମାନେ ବହୁତ ଉତ୍ସାହରେ ପାଠ ପଢ଼ିବା, ନୂଆ ପଢ଼ା ଆରମ୍ଭ କରନ୍ତି। ଏହା ବିଶ୍ୱାସ କରାଯାଏ ଯେ, ଗଣେଶଙ୍କ ଆଶୀର୍ବାଦରେ ତାଙ୍କର ପାଠ ଏବଂ କାର୍ଯ୍ୟ ସଫଳ ହୋଇପାରେ। ଏହି ଦିବସଟି ବିଦ୍ୟାରମ୍ଭ ପାଇଁ ଉଦ୍ଦିଷ୍ଟ। ସର୍ବ ମଙ୍ଗଳ ମୟ ଗଣପତିଙ୍କ ଜନ୍ମ ଦିନ। ଗଣେଶ ପୂଜା କେବଳ ଧାର୍ମିକ କାର୍ଯ୍ୟ ନୁହେଁ ବରଂ ଏହା ସାମ୍ପ୍ରଦାୟିକ ସମ୍ମିଳନର ପ୍ରତୀକ ଭାବେ ବ୍ୟବହୃତ ହୋଇଛି। ମହାରାଷ୍ଟ୍ର, ଓଡ଼ିଶା, କର୍ଣ୍ଣାଟକ ଏବଂ ଅନ୍ୟାନ୍ୟ ରାଜ୍ୟରେ ଗଣେଶ ପୂଜା ଅବସରରେ ବିଭିନ୍ନ ସାମ୍ବାଦିକ, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକଳାପ ହେଉଥାଏ, ଯାହା ଲୋକମାନଙ୍କୁ ଏକତାର ବନ୍ଧନରେ ବାନ୍ଧି ରଖେ।

ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇ ଆଦେଶ ଦେଇ ସ୍ନାନ କରିବାକୁ ଗଲେ । ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି। ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଅନ୍ତଲ ପେଟ ଓ ସାପ ପଇତା। ଏହାଙ୍କର ବାହନ ମୂଷା।

ଗଣପତି : ଗଣ ବା ଲୋକଙ୍କର ଦେବତା ବା ଗଣଦେବତା । ଗଜାନନ: ଗଜ ବା ହାତୀ ମୁଣ୍ଡ ଥିବା ଦେବତା ଗଜାନନ । ଶରୀର ମଣିଷର ମସ୍ତକ ହାତୀର । ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ। ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ । ତେଣୁ ଗଣେଶ ନିଜେ ଏହି ରୂପ ଧାରଣ କରିଛନ୍ତି । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ । ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତ ସମ୍ଭବ କରାଇପାରନ୍ତି ଗଜାନନ । ବିନାୟକ: ଗଣେଶଙ୍କର ଏହି ନାମର ଅର୍ଥ ବିଶେଷ ନାୟକ । ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନା ଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ ତେବେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି । ଅର୍ଥାତ୍ ଭକ୍ତର ଜୀବନରେ ଥିବା ବିପର୍ଯ୍ୟୟ, ସବୁ ଅମଙ୍ଗଳ, ସବୁ ବାଧା ଦୂରେଇ ଦିଅନ୍ତି । ଲମ୍ବୋଦର: ଲମ୍ବା ଉଦର ବା ବଡ଼ ପେଟ ଥିବାରୁ ତାଙ୍କୁ ଲମ୍ବୋଦର ବୋଲି କୁହାଯାଇଥାଏ। କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଏବଂ ସାଇତି ପାରନ୍ତି । ଗଣେଶ ପାର୍ବତୀଙ୍କ ନୂପୁରର ଶବ୍ଦଶୁଣି ସଙ୍ଗୀତ ଶିଖିଥିଲେ । ପିତା ଶିବଙ୍କ ଡମ୍ବରୁର ଶବ୍ଦଶୁଣି ଚାରିବେଦ ଆୟତ କରିଥିଲେ । ତାଙ୍କର ଏହି ବିଶାଳ ବିଦ୍ୟାର ଭଣ୍ଡାର ହେଉଛି ତାଙ୍କର ପେଟ । ଏହି କାରଣରୁ ତାଙ୍କ ପେଟ ଖୁବ୍ ବଡ ।

ସୁମୁଖ, ବିଘ୍ନହର୍ତ୍ତା, ବିଘ୍ନହର, ଧୂମ୍ରକେତୁ , ଗଣାଧକ୍ଷ , ଭାଲଚନ୍ଦ୍ର, ଏକଦନ୍ତ, ବ୍ରହ୍ମଣସ୍ୱତୀ, ମୟୁରେଶ୍ୱର, ବକ୍ରତୁଣ୍ଡ, ବିଘ୍ନେଶ୍ୱର, ଶୂର୍ପକର୍ଣ୍ଣ ...ଶାସ୍ତ୍ର ମତରେ ଗଣେଶଙ୍କ ଦ୍ୱାଦଶନାମ – ଏକଦନ୍ତ, କୃଷ୍ଣପିଙ୍ଗାକ୍ଷ, ଗଣପତି, ଗଜବକ୍ର, ଗଜାନନ, ବକ୍ରତୁଣ୍ଡ, ବିକଟ, ବିଘ୍ନରାଜେନ୍ଦ୍ର, ବିନାୟକ, ଧୂମ୍ରବର୍ଣ୍ଣ, ଭାଲଚନ୍ଦ୍ର, ଲମ୍ବୋଦର, ନାମର ବିଶେଷତା । ଶ୍ରୀଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ। ବିଘ୍ନହନ୍ତା ରୂପରେ ମଧ୍ୟ ତାଙ୍କୁ ପୂଜା କରାଯାଏ। ଆଉମଧ୍ୟ ସେ ଆଦ୍ୟପୂଜିତ ଓ ବିଘ୍ନେଶ। ତା ସହିତ ସେ ହେଉଛନ୍ତି ବୁଦ୍ଧି, ବିଦ୍ୟା ବା ଜ୍ଞାନର ଦେବତା, ବିଦ୍ୟାଦାତା। ସେ ପ୍ରତ୍ୟେକ ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି ଓ ବିଦ୍ୟାରମ୍ଭରେ ମଧ୍ୟ ତାଙ୍କରି ଆବାହନ କରାଯାଇଥାଏ।

ଗଣେଶ ଆଦିଦେବ ଭାବରେ ପରିଚିତ। ସେ ସବୁଯୁଗରେ ଅବତାର ନେଇଥିବାର କୁହାଯାଏ। ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ। ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଉମାଙ୍କ ଘରେ ଜନ୍ମି, ଗଣେଶ ରୂପରେ ଜନ୍ମିସିନ୍ଧୁ ନାମକ ରାକ୍ଷସକୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ। ଦ୍ୱାପର ଯୁଗରେ ଗଣେଶ ରୂପରେ ପାର୍ବତୀଙ୍କ ପୁତ୍ର ଭାବରେ ପୁରାଣରେ ବର୍ଣ୍ଣିତ। କଳି ଯୁଗରେ ଭବିଷ୍ୟ ପୁରାଣ ଅନୁସାରେ ଧୂମ୍ରକେତୁ ରୂପରେ ଅବତାର କଥାବର୍ଣ୍ଣିତ ଅଛି । ବାସ୍ତୁଶାସ୍ତ୍ରରେ ଗଣେଶ ପ୍ରଥମ ପୂଜ୍ୟ ଶ୍ରୀଗଣେଶ। ନୂତନ ଘରେ ପ୍ରବେଶ ହେଉ ଅବା ଶୁଭ କାର୍ଯ୍ୟ, ସର୍ବ ପ୍ରଥମେ ଲୋଡା ହୁଅନ୍ତି ସେ। କାରଣ ତାଙ୍କୁ ପୂଜା କଲେ ସବୁକିଛି ମଙ୍ଗଳ ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ସ୍ଥାନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଅନୁସରଣ କରି ପ୍ରଭୁଙ୍କ ପ୍ରତିମାର ଠିକ ସ୍ଥାପନ କରି ପାରିଲେ ଘରକୁ ସୁଖସମୃଦ୍ଧି ଆସିଥାଏ।

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ। ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ସଂସ୍କୃତ, ତାମିଲ, କନ୍ନଡ଼ ଓ ତେଲୁଗୁ ଭାଷାରେ ବିନାୟକ ଚତୁର୍ଥୀ ବା ବିନାୟକ ଚବିଥି, କୋଙ୍କଣୀ ଭାଷାରେ ବିନାୟକ ଚବଥ ଏବଂ ନେପାଳୀରେ ବିନାୟକ ଚଥା ଭାବରେ ପ୍ରଚଳିତ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଥୀରେ ପୂର୍ଣ୍ଣ ହେଇଥାଏ। ଗଣେଶ ଚତୁର୍ଥୀ ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଭାରତରେ ଅନେକ ସହରରେ ବପ୍ପାଙ୍କ ପୂଜାର୍ଚ୍ଚନା ବେଶ୍ ଜାକଜମକରେ କରାଯାଏ । ମାନ୍ୟତା ଅଛି ଭଗବାନ ଗଣେଶ ପୂଜାର୍ଚ୍ଚନା କରିବା ଦ୍ୱାରା ଘରେ ସୁଖ ଶାନ୍ତି ବଢିଥାଏ ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଅଗଷ୍ଟ ୨୦୨୫ ବୁଧବାର

# ଆଭା

## ଗୁଣବତୀ: ପୁଣ୍ୟବତୀ

'ପଦ୍ମପୁରାଣ'ର 'ଉତ୍ତରଖଣ୍ଡ'ରେ ଅଛି କିଛି ବ୍ରତର ମାହାତ୍ମ୍ୟ କଥା। ସେଥିରେ ବର୍ଣ୍ଣିତ ହୋଇଛି ଗୁଣବତୀ ନାମ୍ନୀ ଜଣେ ପୁଣ୍ୟବତୀଙ୍କ ଆଖ୍ୟାନ। ସେହି ଗୁଣବତୀ ହିଁ ପରଜନ୍ମରେ ସତ୍ୟଭାମା ରୂପେ ଜାତ ହୋଇ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇଥିଲେ। ସତ୍ୟଭାମାଙ୍କ ପ୍ରଶ୍ନରେ ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କୁ ଏହି କାହାଣୀ କହିଛନ୍ତି। ସତ୍ୟଯୁଗର ଶେଷରେ ମାୟାପୁରୀ (ହରଦ୍ୱାର)ରେ ଥିଲେ ଜଣେ ଅତ୍ରିକୁଳଜାତ ବ୍ରାହ୍ମଣ। ତାଙ୍କର ନାମ ଥିଲା ଦେବଶର୍ମା। ସେ ଥିଲେ ବେଦବେଦାନ୍ତବିତ୍ ଏବଂ ଅତିଥିପରାୟଣ। ସେ ପ୍ରତିଦିନ ପ୍ରାତଃସ୍ନାନ କରି ସୂର୍ଯ୍ୟପୂଜା କରୁଥିଲେ।



ତାଙ୍କର ଏକମାତ୍ର କନ୍ୟା ଥିଲେ ଗୁଣବତୀ। ଚନ୍ଦ୍ର ନାମକ ନିଜର ଜଣେ ଶିଷ୍ୟଙ୍କୁ ସେ ତାଙ୍କୁ ବିବାହ ଦେଇଥିଲେ। ଦିନେ ଗୁରୁ ଓ ଶିଷ୍ୟ ସମିଧ ପାଇଁ ବନକୁ ଯାଇଥିବା ବେଳେ ଏକ ରାକ୍ଷସ ଦ୍ୱାରା ନିହତ ହେଲେ। ପିତା ଓ ପତିଙ୍କୁ ହରାଇ ଗୁଣବତୀ ଶୋକରେ ବିଳାପ କରିବାକୁ ଲାଗିଲେ। ପରେ ନିଜକୁ ସମ୍ବରଣ କରି ସେ ଦୁହିଁଙ୍କର ଦାହସଂସ୍କାର ଓ ଶୁଦ୍ଧିକ୍ରିୟା କରିବା ସହିତ ଭଗବାନ ବିଷ୍ଣୁଙ୍କ ଭଜନରେ ଦିନ ବିତାଇବାରେ ଲାଗିଲେ। ତା' ପରଠାରୁ ଗୁଣବତୀ ସାରା ଜୀବନ ଦୁଇଟି ବ୍ରତ କରୁଥିଲେ। ଗୋଟିଏ ଏକାଦଶୀ ଉପବାସ ଏବଂ ଅନ୍ୟଟି କାର୍ତ୍ତିକ ବ୍ରତ। ଭଗବାନ ବିଷ୍ଣୁ ସତ୍ୟଭାମାଙ୍କୁ କହିଲେ- ଏ ଦୁଇ ବ୍ରତ ତାଙ୍କର ଅତ୍ୟନ୍ତ ପ୍ରିୟ। ଏ ଦୁଇଟି ମଧ୍ୟ ଅତ୍ୟନ୍ତ ପୁଣ୍ୟପ୍ରଦ ବ୍ରତ। ଯେଉଁ ବ୍ୟକ୍ତି କାର୍ତ୍ତିକ ମାସରେ ସୂର୍ଯ୍ୟ ତୁଳାରାଶିରେ ଅବସ୍ଥାନ କରୁଥିବା ବେଳେ ପ୍ରାତଃସ୍ନାନ କରନ୍ତି, ସେ ମହାପାପରୁ ବି ମୁକ୍ତ ହୋଇଯାଆନ୍ତି। ଯେଉଁ ବ୍ୟକ୍ତି କାର୍ତ୍ତିକମାସରେ ସ୍ନାନ, ଜାଗରଣ, ଦୀପଦାନ ଓ ତୁଳସୀବନ ପାଳନ କରନ୍ତି, ସେ ସାକ୍ଷାତ୍ ବିଷ୍ଣୁଙ୍କର ସ୍ୱରୂପ ହୋଇଯାଆନ୍ତି। କାର୍ତ୍ତିକମାସରେ ଯେ ବିଷ୍ଣୁ ମନ୍ଦିର ମାର୍ଜନ କରନ୍ତି, ସେ ଜୀବନ୍ମୁକ୍ତ ହୁଅନ୍ତି। ଏହିପରି ଭାବରେ ଗୁଣବତୀ ନିଷ୍ଠା ଓ ଭକ୍ତିର ସହିତ ଏକାଦଶୀ ଓ କାର୍ତ୍ତିକ ବ୍ରତ ପାଳନ କରିବା ଫଳରେ ତାଙ୍କୁ ବୈକୁଣ୍ଠ ପ୍ରାପ୍ତି ହୋଇଥିଲା। ଦ୍ୱାପର ଯୁଗରେ, ଯେତେବେଳେ ବ୍ରହ୍ମା ଆଦି ଦେବଗଣଙ୍କ ପ୍ରାର୍ଥନାରେ ଭଗବାନ ବିଷ୍ଣୁ କୃଷ୍ଣ ରୂପେ ମର୍ତ୍ତ୍ୟରେ ଜନ୍ମ ନେଲେ, ସେତେବେଳେ ଦେବଶର୍ମା ସତ୍ରାଜିତ୍ ରୂପେ ଏବଂ ଗୁଣବତୀ ତାଙ୍କର କନ୍ୟା ସତ୍ୟଭାମା ରୂପେ ଜନ୍ମଗ୍ରହଣ କରିଥିଲେ। ପୂର୍ବ ଜନ୍ମରେ ଏକାଦଶୀ ଓ କାର୍ତ୍ତିକବ୍ରତ ପାଳନ କରି ଅଶେଷ ପୁଣ୍ୟ ଅର୍ଜନ କରିଥିବାରୁ ସତ୍ୟଭାମା ତାଙ୍କର ଏହି ଜନ୍ମରେ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇଥିଲେ।

## ଲୁଣ-କ୍ଷୀର ହାତରୁ ଖସିବା ଅଶୁଭ

ଲୁଣ-ଲୁଣକୁ ଶୁଦ୍ଧତା ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ।ଖାଦ୍ୟ ପ୍ରସ୍ତୁତି ସମୟରେ ହାତରୁ ବାରମ୍ବାର ଲୁଣ ଖସି ତଳେ ପଡିବା ଶୁଭଙ୍କର ନୁହେଁ। ଏହା ଆର୍ଥିକ କ୍ଷେତ୍ରରେ କ୍ଷତି ହେବାର ସଙ୍କେତ ଦେଇଥାଏ।ଏହାସହ ଗୃହରେ କଳହ ମଧ୍ୟ ହୋଇଥାଏ। ପୂର୍ବପୁରୁଷ ଅସନ୍ତୋଷ ଥିବାର ମଧ୍ୟ ଏହା ସଙ୍କେତ ଦେଇଥାଏ। କ୍ଷୀର- ରୋଷେଇ ଘରେ ବାରମ୍ବାର ହାତରୁ କ୍ଷୀର ଖସିବା ମଧ୍ୟ ଶୁଭଙ୍କର ନୁହେଁ। ଏହା ପୂର୍ବପୁରୁଷ ଅସନ୍ତୁଷ୍ଟ ଥିବାର ସଙ୍କେତ ଦେଇଥାଏ। ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ। ପୂର୍ବପୁରୁଷ ଶାନ୍ତି ପାଇଁ ଦାନ ସହ ପଣ୍ଡିତଙ୍କ ପରାମର୍ଶ ନିଅନ୍ତୁ। କ୍ଷୀର ହାତରୁ ବାରମ୍ବାର ଖସିଲେ କାର୍ଯ୍ୟରେ ଅସଫଳତା ସହ ବାଧା ଲାଗି ରହିଥାଏ।

## ବିଷ୍ଣୁ ବି ସୂର୍ଯ୍ୟ, ସେ ମଧ୍ୟ ପଞ୍ଚଦେବତା

> ସୌରାଷ୍ଟ ଶୈବା ଗଣେଶା ବୈଷ୍ଣବାଃ ଶକ୍ତିପୂଜକାଃ ।
> ମାମେବ ପ୍ରାପ୍ନୁବନ୍ତୀହ ବର୍ଷାପଃ ସାଗରଂ ଯଥା ।।
> ଏକୋଽହଂ ପଞ୍ଚଧା ଜାତଃ କ୍ରୀଡ଼୍ୟା ନାମାଭିଃ କିଲ।
> ଦେବଦତ୍ତୋ ଯଥା କଶ୍ଚିତ୍ ପୁତ୍ରା ଦ୍ୟାହାନନାମଭିଃ।।
> -ପଦ୍ମପୁରାଣ, ଉତ୍ତରଖଣ୍ଡ, ୧୮୬ ଅଧ୍ୟାୟ

ହିନ୍ଦୁ ଧର୍ମଧାରାରେ ପଞ୍ଚଦେବତା ଉପାସନା ପ୍ରଚଳିତ। ଏହି ପଞ୍ଚ ଦେବତା ହେଉଛନ୍ତି- ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର। ଏମାନଙ୍କୁ ଏକ ଅପରଠାରୁ ଭିନ୍ନ ଭାବେ ବିବେଚନା ନ କରିବାପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ଅଛି। ଏ ପ୍ରସଙ୍ଗ ସତ୍ୟଯୁଗର ଶେଷଭାଗ ?ର ଗୋଟିଏ ଉପାଖ୍ୟାନରେ, 'ପଦ୍ମପୁରାଣ'ରେ ମଧ୍ୟ ବର୍ଣ୍ଣିତ ହୋଇଛି। ସତ୍ୟଯୁଗର ଶେଷଭାଗରେ ଦେବଶର୍ମା ନାମରେ ଜଣେ ବ୍ରାହ୍ମଣ ପ୍ରତିଦିନ ସୂର୍ଯ୍ୟ ଉପାସନା କରିବା ଫଳରେ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ହୋଇଥିଲେ। ତାହା ଫଳରେ ଭଗବାନ ବିଷ୍ଣୁ ତାଙ୍କ ପ୍ରତି ଅତ୍ୟନ୍ତ ପ୍ରୀତ ଥିଲେ। ସେହି ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି ଉପରୋକ୍ତ ସୁଭାଷିତ। ଏହି ସୁଭାଷିତରେ ଭଗବାନ ବିଷ୍ଣୁ କହିଛନ୍ତି- ଯେ ସୂର୍ଯ୍ୟ, ଶିବ, ଗଣେଶ, ଓ ଶକ୍ତିଙ୍କର ଉପାସନା କରନ୍ତି, ସେ ମୋତେ ମଧ୍ୟ ଲାଭ କରିଥାନ୍ତି। ଯେପରି ବର୍ଷା ଜଳ ସବୁଆଡୁ ସମୁଦ୍ରକୁ ହିଁ ପ୍ରବାହିତ



ହୋଇ ଆସିଥାଏ, ସେହିପରି ପଞ୍ଚଦେବତାଙ୍କର ଉପାସକମାନେ ମୋ ପାଖକୁ ହିଁ ଆସିଥାନ୍ତି। ମୁଁ ଏକ ଓ ଅଭିନ୍ନ। କିନ୍ତୁ ଲୀଳା ଅନୁସାରେ ମୁଁ ଭିନ୍ନ ଭିନ୍ନ ନାମ ଧରି ପାଞ୍ଚ ରୂପରେ ପ୍ରକଟ ହୋଇଥାଏ। ଦେବଦତ୍ତ ନାମକ କୌଣସି ବ୍ୟକ୍ତିଙ୍କୁ ଯେପରି ପୁତ୍ର, ପିତା ଆଦି ଭିନ୍ନ ଭିନ୍ନ ନାମରେ ଡକାଯାଇପାରେ, ଏହା ଠିକ୍ ସେହିପରି। ଏହା ସ୍ପଷ୍ଟ ସୂଚାଏ- ଯେ ବିଷ୍ଣୁ, ସେ ମଧ୍ୟ ସୂର୍ଯ୍ୟ। ସେ ମଧ୍ୟ ଉପରୋକ୍ତ ପଞ୍ଚଦେବତା।

## କୈଳାସ ପର୍ବତର ଅସମାହିତ ରହସ୍ୟ

ହିନ୍ଦୁ ଧର୍ମରେ କୈଳାସ ପର୍ବତର ନିଜସ୍ୱ ଗୁରୁତ୍ୱ ଅଛି । କୈଳାସ ପର୍ବତ ଉପରେ ମହାଦେବ ଶିବ, ମାତା ପାର୍ବତୀ, ଦୁଇ ପୁତ୍ର ଗଣେଶ ଓ କାର୍ତ୍ତିକେୟଙ୍କ ସହ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ। ରାମାୟଣର କିଷ୍କିନ୍ଧା କାଣ୍ଡ ଏବଂ ମହାଭାରତର ଭୀଷ୍ମ ପର୍ବ, ଦ୍ରୋଣ ପର୍ବ, ବନ ପର୍ବ ଓ ଅନୁଶାସନ ପର୍ବରେ କୈଳାସ ପର୍ବତର ଉଲ୍ଲେଖ ରହିଛି । ଏହିଠାରେ ମହାପ୍ରତାପୀ ରାବଣର ଅହଙ୍କାର ଚୂନା ହୋଇଥିବା କୁହାଯାଏ। କୈଳାସ ପର୍ବତ... ଏପରି ଏକ ଦିବ୍ୟ ସ୍ଥାନ ଯେଉଁଠି ସମୟ ଅଟକିଯାଏ, ଯେଉଁଠାରେ ପବନର ଗତିପଥ ବଦଳିଯାଏ..ଯେଉଁଠାରେ ଏକା ଥିଲେ ମଧ୍ୟ ଏକୁଟିଆ ଅନୁଭବ ହୁଏନି । ଯେଉଁଠାରେ ପର୍ବତର ନୀରବତାରେ ମଧ୍ୟ ଏକ ରହସ୍ୟମୟ ଶବ୍ଦ ପ୍ରତିଧ୍ୱନିତ ହୁଏ। ଏଠାକାର ପବନରେ ଓଁ ଏବଂ ଡମ୍ବରୁର ଶବ୍ଦ ଗୁଞ୍ଜରିତ ହେଉଥିବା ଲୋକେ ବିଶ୍ୱାସ କରନ୍ତି । କିଛି ବୈଜ୍ଞାନିକଙ୍କ କହିବା କଥା, ବରଫ ପାହାଡରେ ପବନ ବାଡ଼େଇ ହୋଇ ବରଫ ତରଳିବାକୁ ଲାଗେ, ସେତେବେଳେ ଏହି ଧ୍ୱନି ବାହାରିଥାଏ। ତେବେ ବିଜ୍ଞାନ ଯାହା କହୁନା କାହିଁକି, ଆଜି ପର୍ଯ୍ୟନ୍ତ କୈଳାସ ଏକ ରହସ୍ୟମୟ ସ୍ଥାନ ହୋଇ ରହିଛି । ହିମାଳୟର କୋଳରେ ସ୍ଥିତ ଏହି ଦିବ୍ୟ ଶିଖର କେବଳ ଏକ ପର୍ବତ ନୁହେଁ, ଏହା ଏକ ଜୀବନ୍ତ ରହସ୍ୟ। ଏଠାରେ ଥିବା ପ୍ରତ୍ୟେକ ପଥର, ପ୍ରତ୍ୟେକ ବରଫର ସ୍ତର, ପ୍ରତ୍ୟେକ ସ୍ଥାନ କିଛି କହେ... କିନ୍ତୁ ସମସ୍ତେ ସେହି ଅଲୌକିକ ବାର୍ତ୍ତାକୁ ଅନୁଭବ କରିପାରନ୍ତି ନାହିଁ । ଭଗବାନ ଶିବଙ୍କର ନିବାସସ୍ଥଳ ବା ସାଧନା ସ୍ଥଳ କୁହାଯାଉଥିବା କୈଳାଶ ପର୍ବତକୁ ଆଜି ପର୍ଯ୍ୟନ୍ତ କେହି ପହଞ୍ଚି ପାରିନାହାନ୍ତି । ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟ ଠାରୁ ଏହି ପର୍ବତ ୨୦୦୦ ମିଟର ଛୋଟ । ମାଉଣ୍ଟ ଏଭରେଷ୍ଟ(୮,୮୪୮ ମିଟର) ତୁଳନାରେ କୈଳାଶ ପର୍ବତ (୬,୬୩୮ ମିଟର) ର ଶିଖର ବହୁତ ତଳେ ରହିଛି । ୧୯୨୬ ମସିହାରେ ଏକ ବ୍ରିଟିଶ ଦଳ ଏବଂ ୨୦୦୧ ମସିହାରେ ଏକ ଜାପାନୀ ଦଳ କୈଳାଶ ପର୍ବତ ଚଢ଼ିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ହଠାତ୍ ଅସୁସ୍ଥତା, ଖରାପ ପାଗ ଏବଂ ଅଦ୍ଭୁତ ଘଟଣା ଯୋଗୁଁ ସେମାନଙ୍କୁ ଅଧାରୁ ଫେରିବାକୁ ପଡ଼ିଥିଲା । ତିବ୍ବତରେ ଥିବା ଏହି ପର୍ବତ ୨୧,୭୭୮ ଫୁଟ ଉଚ୍ଚତାରେ ଅବସ୍ଥିତ । ବିଶ୍ୱର ସର୍ବୋଚ୍ଚ ଶିଖର ହୋଇନଥିଲେ ସୁଦ୍ଧା ଏହାକୁ ସବୁଠାରୁ ପବିତ୍ର ପର୍ବତ ଭାବରେ ବିବେଚନା କରାଯାଏ। ହିନ୍ଦୁ, ବୌଦ୍ଧ, ଜୈନ ଧର୍ମ ଏବଂ ବୋନ୍ ପରମ୍ପରା ପାଇଁ ବିଶ୍ୱାସର କେନ୍ଦ୍ର ହେଉଛି ଏହି ପର୍ବତ । କୌଣସି ସଂଯୋଗ ନୁହେଁ ବରଂ ଏହି ସ୍ଥାନରେ କିଛି ଅଲୌକିକ ଘଟଣା ଘଟୁଥିବା ଅନୁଭବ କରିହୁଏ । ଚାରୋଟି ପ୍ରମୁଖ ନଦୀ ବ୍ରହ୍ମପୁତ୍ର, ସିନ୍ଧୁ, କର୍ଣ୍ଣାଳୀ ଏବଂ ସତଲେଜ୍ ଏହି ପର୍ବତରୁ ବାହାରିଛନ୍ତି। ଏହି ପବିତ୍ର ସ୍ଥଳରେ ଶିବ ଏବଂ ଶକ୍ତି ସାକ୍ଷାତ ବିଦ୍ୟମାନ ଥିବା କୁହାଯାଏ । ଶିବ ପୁରାଣରେ ଲେଖା ଅଛି, କୈଳାସ ଏପରି ଏକମାତ୍ର ସ୍ଥାନ, ଯେଉଁଠାରେ କେବଳ ଶରୀର ନୁହେଁ ବରଂ ଆତ୍ମା ପ୍ରବେଶ କରିପାରିବ। କୈଳାସର ପାଦ ଦେଶରେ ରହିଛି ଦୁଇଟି ହ୍ରଦ, ଗୋଟିଏ ଦୁନିଆର ସବୁଠୁ ଉଚ୍ଚରେ ଥିବା କୈଳାସ ମାନସରୋବର ହ୍ରଦ ଏବଂ ଅନ୍ୟଟି ରାକ୍ଷସତାଲ୍, ଯାହାକୁ ପୃଥିବୀର ସବୁଠାରୁ ଲୁଣିଆ ହ୍ରଦ କୁହାଯାଏ । ମାନସରୋବରର ରଙ୍ଗ ଋତୁ ଅନୁସାରେ ବଦଳୁଥାଏ । ମାନସରୋବରର ଜଳ ସବୁବେଳେ ସ୍ଥିର ରହୁଥିବାବେଳେ ରାକ୍ଷସତାଲ ସବୁବେଳେ ଅଶାନ୍ତ ଥାଏ, ତେଣୁ ଏଠାକୁ ପ୍ରାୟତଃ କେହି ଯାଆନ୍ତିନାହିଁ । ହିମାଳୟ ପର୍ବତମାଳାରେ ଅବସ୍ଥିତ କୈଳାସ ପର୍ବତର ଆକାର ଏକ ପିରାମିଡ୍ ସଦୃଶ। ଋଷି ଅଗସ୍ତ୍ୟ କହିଥିଲେ, କୈଳାଶ ଏପରି ସ୍ଥାନ ଯେଉଁଠାରେ ଲୋକ ଓ ପରଲୋକ ସବୁକିଛି ଏକାକାର ହୋଇଯାଏ। ମହର୍ଷି ବେଦବ୍ୟାସ, ମହର୍ଷି ବାଲ୍ମୀକି, ଭୃଗୁଙ୍କ ପରି ଋଷିମାନେ କୈଳାଶ ପର୍ବତ ନିକଟରେ ବର୍ଷ ବର୍ଷ ଧରି ତପସ୍ୟାରେ ମଗ୍ନ ରହିଥିଲେ। ସେମାନେ ମଧ୍ୟ କୈଳାଶ ପର୍ବତ ଚଢ଼ିବା ପାଇଁ ସକ୍ଷମ ହୋଇପାରିନଥିଲେ । ଆଜି ପର୍ଯ୍ୟନ୍ତ କେହି କୈଳାସ ପର୍ବତର ଶିଖର ଚଢ଼ିପାରି ନାହାଁନ୍ତି । ଅନେକ ପ୍ରୟାସ କରାଯାଇଛି... କିନ୍ତୁ ପ୍ରତ୍ୟେକ ଥର ପର୍ବତାରୋହୀମାନଙ୍କୁ ପଛକୁ ହଟିବାକୁ ପଡ଼ିଛି। କିଛି ପାଗ ଯୋଗୁଁ, କିଛି ମାନସିକ ଦ୍ୱନ୍ଦ୍ୱ ଏବଂ ଆଉ କିଛି ଅଦୃଶ୍ୟ ଭୟ ଯୋଗୁଁ ଅଟକି ଯାଇଛନ୍ତି। ଥରେ ଋଷର କିଛି ପର୍ବତାରୋହୀ କୈଳାଶ ପର୍ବତ ଚଢ଼ିବା ପାଇଁ ପ୍ରୟାସ କରିଥିଲେ, କିନ୍ତୁ ଚଢ଼ିବା ସମୟରେ କୌଣସି ଏକ ଅଦୃଶ୍ୟ ଶକ୍ତି ଟାଣୁଥିବା ପରି ଅନୁଭବ କରିଥିଲେ । ଫଳରେ ସେମାନଙ୍କୁ ଅଧାରୁ ଫେରିବାକୁ ପଡ଼ିଥିଲା । ପୌରାଣିକ ମାନ୍ୟତା ଅନୁସାରେ, ଭଗବାନ ଶିବ କେବଳ କୈଳାସ ବାହାରେ ନୁହଁନ୍ତି ନାହିଁ, ବରଂ ଏହାର ଭିତରେ ମଧ୍ୟ ବାସ କରନ୍ତି.. ସୂକ୍ଷ୍ମ ଜଗତରେ। ଏପରି ଏକ ଜଗତ ଯାହା ଆମ ଅଭିଜ୍ଞତା ବାହାରେ। ଚେତନାର ଏପରି ଏକ ଭୂମି, ଯେଉଁଠାରେ କେବଳ ଯୋଗୀ ଏବଂ ଋଷିମାନେ ବୁଝିବା ପାଇଁ ସକ୍ଷମ।

## ଶୃଙ୍ଖଳିତ ଜୀବନ ପାଇଁ ସଅଳ ଉଠିବା ନିହାତି ଦରକାର

ଶୃଙ୍ଖଳିତ,ସୁନ୍ଦର ଓ ଶାନ୍ତିର ଜୀବନ କାହାକୁ ବା ପସନ୍ଦ ନୁହେଁ । ଶୃଙ୍ଖଳା ବିନା ଜୀବନରେ ସଫଳ ହେବା ସହଜ ନୁହେଁ । କଣ କରିବେ କଣ ନ କରିବେ ଦିନଟି କେମିତି କଟିବ ସେ ନେଇ ରୁଟିନ ପ୍ରସ୍ତୁତ କରନ୍ତୁ । ଯଦି ଆପଣ ଅଧିକରୁ ଅଧିକ ଶୃଙ୍ଖଳିତ ଜୀବନ ଚାହୁଁଛନ୍ତି ତେବେ ପଢନ୍ତୁ ଏହି ସମ୍ପୂର୍ଣ୍ଣ ଖବର । ଆପଣାନ୍ତୁ ୧୦ଟି ଟିପ୍ସ ଯାହା ଆପଣଙ୍କୁ ଶୃଙ୍ଖଳିତ କରିବ ।



୧. ସଅଳ ଉଠନ୍ତୁ- ଶୃଙ୍ଖଳିତ ଜୀବନ ପାଇଁ ସଅଳ ଉଠିବା ନିହାତି ଦରକାର। ରାତିରେ ଶୀଘ୍ର ଶୁଅନ୍ତୁ ସକାଳୁ ଶୀଘ୍ର ଉଠନ୍ତୁ । ଶୃଙ୍ଖଳାର ଚମ୍ପିଆନ୍ ସର୍ବଦା ଶୀଘ୍ର ଉଠନ୍ତି ଏହା ପ୍ରମାଣିତ । ସଫଳ ଓ ଶୃଙ୍ଖଳିତ ବ୍ୟକ୍ତି ସବୁବେଳେ ସଅଳ ଉଠି ଦିନ ଆରମ୍ଭ କରିଥାନ୍ତି । ଶୃଙ୍ଖଳିତ ହେବାକୁ ହେଲେ ଜଲଦି ଉଠିବାକୁ ଆଲାରାମ ସେଟ୍ କରି ନିଅନ୍ତୁ ।

୨. ସ୍ୱାସ୍ଥ୍ୟକର ସକାଳ ଭୋଜନ କରନ୍ତୁ- ଶୃଙ୍ଖଳା ସହଜ ପସନ୍ଦ ହୋଇନପାରେ ମାତ୍ର ସଠିକ ପସନ୍ଦ ନିଶ୍ଚିତ ହେବ । ପ୍ରତିଦିନ ସ୍ୱାସ୍ଥକର ସକାଳ ଭୋଜନ କରନ୍ତୁ। ସକାଳ ଭୋଜନ କରନ୍ତୁ ମନ ଓ ସ୍ୱାସ୍ଥ୍ୟ ଉଭୟ ଭଲ ରହିବ । ଶୃଙ୍ଖଳିତ ଜୀବନ ପାଇଁ ସ୍ୱାସ୍ଥ୍ୟକର ଭୋଜନ ନିହାତି ଦରକାର।

୩. ପ୍ରତିଦିନ ବ୍ୟାୟମ କରନ୍ତୁ- ଯୋଗ ବ୍ୟାୟମ କେବଳ ଶରୀରକୁ ସୁସ୍ଥ ରଖେନାହିଁ ମନକୁ ମଧ୍ୟ ଶାନ୍ତି ଦିଏ । ପ୍ରତିଦିନ ବ୍ୟାୟମ ମସ୍ତିଷ୍କ ଉପରେ ସୁପ୍ରଭାବ ପକାଏ । ଚିନ୍ତାରୁ ମୁକ୍ତି ଦିଏ। ଷ୍ଟ୍ରେସ ହ୍ୟାଣ୍ଡେଲ ପାଇଁ ଧୈର୍ଯ୍ୟ ଦିଏ ।

୪. ଦିନ ପାଇଁ ଯୋଜନା କରନ୍ତୁ- ପ୍ଲାନ କରି ଦିନ ଆରମ୍ଭ କରନ୍ତୁ । ଦିନରେ ଆପଣଙ୍କୁ କଣ କଣ କରିବାର ଅଛି । ପରିବର୍ତ୍ତନ ଓ ପ୍ଲାନ ବିନା ଶୃଙ୍ଖଳିତ ହେବା ସମ୍ଭବ ନୁହେଁ । ପ୍ରତି ସକାଳୁ ଦିନ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରନ୍ତୁ।

୫. ମାନସିକ ଭାବେ ଶାନ୍ତ ରୁହନ୍ତୁ- ଦୌଡୁଥିବା ଦୁନିଆରେ ଚାପ ରହିବ। ଏହାକୁ ଏଡାଇବା ପାଇଁ ମାନସିକ ସୁସ୍ଥତା ନିହାତି ଦରକାର । ଶୃଙ୍ଖଳାର ଏକ ସିକ୍ରେଟ୍ ହେଉଛି ମାଇଣ୍ଡଫୁଲନେସ୍ । ବର୍ତ୍ତମାନକୁ ସର୍ବାଦା ଫୋକସ୍ କରନ୍ତୁ । ମାଇଣ୍ଡକୁ ଟ୍ରେଣ୍ଡ କରନ୍ତୁ।

୬. କୃତଜ୍ଞ ରୁହନ୍ତୁ- ସବୁବେଳେ ନମ୍ର କୃତଜ୍ଞ ରୁହନ୍ତୁ । ଅନ୍ୟଙ୍କ ପ୍ରତି କୃତଜ୍ଞ ରହିବା ଶୃଙ୍ଖଳାର ଏକ ସୋପାନ । କୃତଜ୍ଞ ରହିଲେ ମନରୁ ନକାରାତ୍ମକ ଚିନ୍ତାଧାରା ଦୂରେଇ ଯାଏ। ଶୃଙ୍ଖଳିତ ଜୀବନ ପାଇଁ କୃତଜ୍ଞ ପ୍ରଗତି ଆଣିଥାଏ।

୭. ଟେକ୍ନୋଲୋଜିର ସ୍ୱଳ୍ପ ବ୍ୟବହାର- ଟେକ୍ନିକାଲ ଯୁଗରେ ଟେକ୍ନୋଲୋଜିର ବ୍ୟବହାର ଭଲ ହେଲେ ମାତ୍ରାଧିକ ବ୍ୟବହାର ଖରାପ ହୋଇଥାଏ । ସାଧାରଣତଃ ସକାଳୁ ଉଠିଲେ ଆମେ ଫୋନ ଦେଖୁ ସୋସିଆଲ ମିଡିଆରେ ଆକ୍ଟିଭ୍ ଥାଉ। ଶୃଙ୍ଖଳିତ ଜୀବନ ପାଇଁ ଏହା ଆଦୌ ଠିକ୍ ନୁହେଁ ।

୮. ଶାନ୍ତିକୁ ଆପଣାନ୍ତୁ- ମନ ଶାନ୍ତି ଥିଲେ ଦିନଟି ଭଲ ଯାଏ । ତେଣୁ ଯଥା ସମ୍ଭବ ମନକୁ ଶାନ୍ତ ରଖନ୍ତୁ । ଶୃଙ୍ଖଳିତ ହେବାକୁ ଶାନ୍ତି ନୀରବତା ଏକ ଶକ୍ତିଶାଳୀ ସାଧନ।

୯. ହାଇଡ୍ରେଟ୍- ଏହା ବହୁତ ସାଧାରଣ। ପ୍ରତିଦିନ ସକାଳୁ ଗୋଟିଏ ଗ୍ଲାସ ପାଣି ପିଅନ୍ତୁ ଓ ଦିନ ଆରମ୍ଭ କରନ୍ତୁ । ଡିହାଇଡ୍ରେଟରୁ ମୁକ୍ତି ପାଇଁ ସକାଳୁ ପାଣି ପିଇବା ନିହାତି ଦରକାର। ଏହା ବ୍ୟତୀତ ପାଣି ଶରୀରକୁ ସୁସ୍ଥ ରଖିଥାଏ ।

୧୦. ସ୍ଥିରତା- ଶୃଙ୍ଖଳାର ହୃଦସ୍ପନ୍ଦନ ହେଉଛି ସ୍ଥିରତା । ଏହା ବିନା ଦିନ ଆରମ୍ଭ ଫଳପ୍ରଦ ହୁଏ ନାହିଁ । ଶୃଙ୍ଖଳା ଏକ କାର୍ଯ୍ୟ ନୁହେଁ ଏହା ଅଭ୍ୟାସ । ଏହା ହିଁ ଶୃଙ୍ଖଳାର ପ୍ରକୃତ ସିକ୍ରେଟ୍ ।

## ଆଗକୁ ବଢ଼ିପାରନ୍ତି ନାହିଁ ଅସଫଳ ବ୍ୟକ୍ତି, ସଫଳ ହେବାକୁ ହେଲେ ଦାୟିତ୍ୱବାନ ହେବାକୁ ପଡିଥାଏ

ସଫଳ ବ୍ୟକ୍ତି ସର୍ବଦା ପ୍ରଶଂସିତ ହୋଇଥାନ୍ତି। ଜଣେ ଅସଫଳ ବ୍ୟକ୍ତି ଜୀବନରେ କେବେ ଆଗକୁ ବଢି ପାରନ୍ତି ନାହିଁ। ଅସଫଳ ବ୍ୟକ୍ତିଙ୍କର କିଛି ବଦ ଅଭ୍ୟାସ ପାଇଁ ତାଙ୍କୁ ପରିଣାମ ଭୋଗିବାକୁ ପଡିଥାଏ । କାହିଁକି ଅସଫଳ ବ୍ୟକ୍ତି ଆଗକୁ ବଢିପାରନ୍ତି ନାହିଁ ? ୮ଟି ପ୍ରମୁଖ କାରଣ ପାଇଁ କିଛି ବ୍ୟକ୍ତି ଜୀବନରେ ବିଫଳ ହୋଇଥାନ୍ତି। ସଫଳତା ପାଇବାକୁ ହେଲେ କ'ଣ କରିବେ । କ'ଣ ରହିଛି ତାଙ୍କ ସକସେସ୍ ସିକ୍ରେଟ ।

୧. ଦାୟିତ୍ୱ ପ୍ରତି ଅବହେଳା- ସଫଳ ହେବାକୁ ହେଲେ ଦାୟିତ୍ୱବାନ ହେବାକୁ ପଡିଥାଏ । ଦାୟିତ୍ୱ ଥିଲେ ଗୁରୁତ୍ୱ ବଢିଥାଏ । ଦାୟିତ୍ୱକୁ ଅବହେଳା କରିବା ଅସଫଳତାର ଏକ ପ୍ରମୁଖ କାରଣ । କିଛି ବିଫଳ ବ୍ୟକ୍ତି ସେମାନଙ୍କ ଅସଫଳତା ପାଇଁ ଅନ୍ୟକୁ ଦାୟୀ କରିଥାନ୍ତି । ଦାୟିତ୍ୱବାନ ନ ହେବା ଯେ ବିଫଳତାର କାରଣ ସେମାନେ ତାହାକୁ ସ୍ୱୀକାର କରନ୍ତି ନାହିଁ। ୨. ପରିବର୍ତ୍ତନକୁ ଡରିବା- ଜୀବନରେ ପରିବର୍ତ୍ତନ ନିଶ୍ଚିନ୍ତ। କିନ୍ତୁ କିଛି ବ୍ୟକ୍ତି ପରିବର୍ତ୍ତନକୁ ଡରନ୍ତି। ଯେତେ ଦକ୍ଷ ହୁଅନ୍ତୁ ନା କାହିଁକି ନୂଆ ନୂଆ ସୁଯୋଗ ହାତକୁ ନିଅନ୍ତୁ। ଚ୍ୟାଲେଞ୍ଜ ନିଅନ୍ତୁ ତେବେ ସଫଳ ହୋଇପାରିବେ। ୩. ନକାରାତ୍ମକ ଚିନ୍ତାଧାରା- ଜଣେ ଅସଫଳ ବ୍ୟକ୍ତିଙ୍କ ମନରେ ସର୍ବଦା ନକାରାତ୍ମକ ଚିନ୍ତା ଥାଏ । ନିରାଶଜନକ ଭାବେ ବଞ୍ଚନ୍ତି। ନକାରାତ୍ମକ ଚିନ୍ତାଧାରା ତାଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ ବରଂ ତାଙ୍କୁ ଆଗକୁ ବଢିବାକୁ ଦିଏ ନାହିଁ । ବାଧାବିଘ୍ନକୁ ମୁକାବିଲା କରିପାରନ୍ତି ନାହିଁ । ସଫଳ ହେବାକୁ ହେଲେ ମନରୁ ନକାରାତ୍ମକ ଚିନ୍ତାଧାରା ହଟାଇବାକୁ ହେବ ।

୪.ଶୃଙ୍ଖଳାର ଅଭାବ- ସୁନ୍ଦର ସଫଳ ଜୀବନ ପାଇଁ ଶୃଙ୍ଖଳାର ଆବଶ୍ୟକତା ରହିଛି । ଯେତେ ଶୃଙ୍ଖଳିତ ରହିବେ ସେତେ ସଫଳ ହେବେ। ଲକ୍ଷ୍ୟ ଓ ସଫଳତାରେ ବ୍ରିଜ ପରି କାମ କରେ ଶୃଙ୍ଖଳା । ଜଣେ ଅସଫଳ ବ୍ୟକ୍ତି କେବେ ଏହାର ମୂଲ୍ୟ ବୁଝିପାରନ୍ତି ନାହିଁ। ଶୃଙ୍ଖଳାର ଅଭାବ ବ୍ୟକ୍ତିଗତ ଜୀବନରେ ପ୍ରଭାବ ପକାଏ । ସଫଳ ଜୀବନ ପାଇଁ ଅନୁସାଶନ ଏକ ଚାବିକାଠି । ଶୃଙ୍ଖଳିତ ବ୍ୟକ୍ତି ସର୍ବଦା ସଫଳ ହୁଅନ୍ତି ।

୫. ଲକ୍ଷ୍ୟହୀନ ଜୀବନ- ପ୍ରତ୍ୟେକଙ୍କ ଜୀବନରେ ଲକ୍ଷ୍ୟ ରହିବା ଆବଶ୍ୟକ । ଲକ୍ଷ୍ୟହୀନ ଜୀବନ ମୂଲ୍ୟହୀନ ପରି ହୋଇଥାଏ । ଲକ୍ଷ୍ୟ ବିନା କିଛି ହାସଲ କରିହୁଏ ନାହିଁ। ଗୋଲ ସେଟ କରିବା ଏକ ରୋଡମ୍ୟାପ ପରି।



ଏହା ଜୀବନକୁ ଗତି ଦିଏ । ପ୍ଲାନ ବିନା ଗୋଲର ମଧ୍ୟ କିଛି ମୂଲ୍ୟ ନାହିଁ । ସଫଳତା ହାସଲ କରିବାକୁ ହେଲେ ଜୀବନରେ ଲକ୍ଷ୍ୟ ସ୍ଥିର କରିବା ଦରକାର । ୬. ସମ୍ପର୍କର ମୂଲ୍ୟ ନ ବୁଝିବା- ଜୀବନର ମାନେ ସମ୍ପର୍କ । ତୁମ ଚାରିପାଖରେ ଚାରିପାଖରେ ଥିବା ଲୋକ ତୁମ ଜୀବନକୁ ପ୍ରଭାବିତ କରିଥାନ୍ତି । ଦୁର୍ଭାଗ୍ୟବସତ ଅସଫଳ ବ୍ୟକ୍ତି ସମ୍ପର୍କର ଗୁରୁତ୍ୱକୁ ଅଣଦେଖା କରନ୍ତି । କେବଳ ପ୍ରିୟଜନଙ୍କୁ ଛାଡିଦେଲେ ଅନ୍ୟ ସମ୍ପର୍କକୁ ଗ୍ରହଣ କରନ୍ତି ନାହିଁ । ସମ୍ପର୍କ ସପୋର୍ଟ ସିଷ୍ଟମ ପରି ହୋଇଥାଏ । ଏହା ଜୀବନକୁ ସମୃଦ୍ଧ କରେ । ୭. ଭୁଲରୁ ନ ଶିଖିବା- କଥାରେ ଅଛି ଠିକିଲେ ଶିଖନ୍ତି । ଅର୍ଥାତ ଭୁଲ କଲେ ସେଥିରୁ କିଛି ଶିକ୍ଷା ମିଳେ। ଆଗକୁ ଯେପରି ଆଉ ଭୁଲ ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡିଥାଏ । କିନ୍ତୁ କିଛି ଲୋକ ସେମାନଙ୍କ ଭୁଲକୁ ସ୍ୱୀକାର କରନ୍ତି ନାହିଁ । ସଫଳତା ହାସନ କରିବାକୁ ହେଲେ ଭୁଲକୁ ସ୍ୱୀକାର କରି ସେଥିରୁ କିଛି ଶିଖି ତାହାକୁ ସୁଧାରିବାକୁ ହେବ । ୮. ପରିସ୍ଥିତି ସହ ଖାପ ଖୁଆଇ ନ ଚଳିବା- ଦୁନିଆ ପରିବର୍ତ୍ତନଶୀଳ । ସଫଳ ହେବାକୁ ହେଲେ ଜଣଙ୍କୁ ସବୁ ପରିସ୍ଥିତିରେ ଖାପ ଖୁଆଇ ଚଳିବାକୁ ହେବ । ଅସଫଳ ବ୍ୟକ୍ତିଙ୍କ ମଧ୍ୟରେ ଏହାର ଅଭାବ ଦେଖିବାକୁ ମିଳେ । ନୂଆ ଟେକ୍ନିକ ଗ୍ରହଣ ନ କରିବା,ପୁରୁଣା ପଦ୍ଧତିରେ ଚାଲିବା ଅସଫଳତା କାରଣ ହୋଇଥାଏ।

## ସୁସ୍ଥ ରହିବା ପାଇଁ ପ୍ରତିଦିନ ସୂର୍ଯ୍ୟ କିରଣ ଆମ ପାଇଁ ଜରୁରୀ



ଆସିଲାଣି ଶୀତଋତୁ । ବର୍ତ୍ତମାନ ସେତେ ଥଣ୍ଡା ପଡି ନଥିଲେ ମଧ୍ୟ ଆଗକୁ ଏହା ଧିରେ ଧିରେ ବଢିବ। ସାଧାରଣତଃ ଶୀତଦିନେ ଅନେକ ଶାରିରୀକ ସମସ୍ୟା ଆସିଥାଏ। ଥଣ୍ଡା ଠାରୁ ଆରମ୍ଭ କରି ଅନେକ ପୁରୁଣା ରୋଗର ସମ୍ମୁଖିନ ହେବାକୁ ପଡିଥାଏ। କିନ୍ତୁ ଆୟୁର୍ବେଦିକ ଶାସ୍ତ୍ର ଅନୁସାରେ ଶୀତଦିନେ ମଧ୍ୟ ଏମିତି କିଛି ନିୟମ ଅଛି ଯାହାକୁ ପାଳନ କରି ଜଣେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ଆୟୁର୍ବେଦ ଚିକିତ୍ସା ଅନୁସାରେ ଅନ୍ୟ ଋତୁ ତୁଳନାରେ ଶୀତ ଦିନ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ। ଶୀତ ଋତୁରେ ଆମର ହଜମ ଶକ୍ତି ବହୁତ ଭଲ ଥାଏ। କିନ୍ତୁ ଶୀତଦିନେ ଆମେ ଆମର ଜୀବନଶୈଳୀକୁ ପରିବର୍ତ୍ତନ କରିଦେଇଥାଉ, ଯେଉଁ କାରଣରୁ ଆମେ ଆମ ଶରୀରକୁ କ୍ଷତି ପହଞ୍ଚାଇ ଅସୁସ୍ଥ କରିଥାଉ।

ଖରାରେ ବସିବା:ଶୀତ ଦିନରେ ସୂର୍ଯ୍ୟ କିରଣ ଗ୍ରହଣ କରିବା ମଧ୍ୟ ଆୟୁର୍ବେଦରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ତେଲ ମାଲିସ୍ କରିବା ପରେ, ହାଲୁକା ସୂର୍ଯ୍ୟ କିରଣରେ ୫-୧୦ ମିନିଟ୍ ବସି ତା'ପରେ ଗାଧୋଇବା ଉଚିତ।

ତେଲ ମାଲିସ୍:ଶୀତ ଦିନରେ ଶରୀରରେ ତେଲ ମାଲିସ୍ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସକାଳେ ଗାଧୋଇବା ପୂର୍ବରୁ ରାଶି ତେଲ କିମ୍ବା ସୋରିଷ ତେଲ ବ୍ୟବହାର କରି ଶରୀରକୁ ଭଲ ଭାବେ ମାଲିସ୍ କରିବା ଉଚିତ।

ଭାତ ଖାଇବାରୁ ଦୂରେଇ ରହିବା:ଶୀତ ଦିନରେ ଭାତ ଖାଇବା ଦ୍ୱାରା କଫ ବୃଦ୍ଧି ହୋଇଥାଏ। ଏପରି ପରିସ୍ଥିତିରେ ଭାତ ଖାଇବା ଠାରୁ ଦୂରେଇ ରହିବା ଉଚିତ। ଯଦି ଆପଣ ଭାତ ଖାଇବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଦିନରେ ଖାଇପାରିବେ, କିନ୍ତୁ ଯଦି ଆପଣ ଏହାକୁ ରାତିରେ ଖାଇବାକୁ ଇଚ୍ଛାହୁଏ ତେବେ ଅଦା, ଗୋଲମରିଚ ଗୁଣ୍ଡ, ଲବଙ୍ଗ, ଡାଲଚିନି ଏବଂ ତେଜ ପତ୍ର ପରି ଗରମ ମସଲା ବ୍ୟବହାର କରନ୍ତୁ।

ଖାଦ୍ୟରେ ମସଲା ବ୍ୟବହାର: ଶୀତ ଦିନରେ ଶରୀରକୁ ଗରମ ରଖିବା ପାଇଁ ଆୟୁର୍ବେଦିକ ଉପାୟ ଅନୁସାରେ ଖାଦ୍ୟରେ ଅଦା, ଗୋଲ ମରିଚ, ଲବଙ୍ଗ, ଡାଲଚିନି ଏବଂ ତେଜ ପତ୍ର ଭଳି ଜିନିଷ ବ୍ୟବହାର କରିବା ଜରୁରୀ। ଏହା ଶରୀରକୁ ଉଷ୍ମତା ପ୍ରଦାନ କରିବାରେ ସାହାଯ୍ୟ କରେ।

ଅଳସୁଆମି ଦୂର କରିବା: ଶୀତ ଦିନରେ ପ୍ରତ୍ୟେକ ବ୍ୟକ୍ତି ଅଳସୁଆମିର ଶିକାର ହୁଅନ୍ତି। ସକାଳେ ଉଠିବାକୁ ମନ ହୁଏନି। ଅନେକ ଲୋକମ ଅଧିକ ବିଶ୍ରାମ ନେବାକୁ ପସନ୍ଦ କରନ୍ତି। ଏଭଳି ପରିସ୍ଥିତିରେ କଫ ଆଉ ବାତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ତେଣୁ ଶୀତ ଦିନରେ ଅଳସୁଆମିକୁ ଦୂର କରିବା ନିହାତି ଜରୁରୀ।

# ଟେଷ୍ଟ କ୍ରିକେଟ୍ ବହୁତ ଚ୍ୟାଲେଞ୍ଜିଂ, କଠିନ ପରିଶ୍ରମ ପରେ ହିଁ ସଫଳତା ମିଳିପାରିବ : ରୋହିତ

**ମୁମ୍ବାଇ**

ଟେଷ୍ଟ କ୍ରିକେଟ୍ ବହୁତ ଚ୍ୟାଲେଞ୍ଜିଂ। ଏଥିପାଇଁ ତୁମକୁ ମାନସିକ ସ୍ତରରେ ମଜବୁତ ହେବାକୁ ପଡ଼ିବ। କଡ଼ା ପରିଶ୍ରମ ମଧ୍ୟ କରିବାକୁ ପଡ଼ିବ। ଯଦି ଏହିସବୁ କଠିନ ରାସ୍ତାରେ ଚାଲିପାରିବ। ତେବେ ତୁମେ ଟେଷ୍ଟ କ୍ରିକେଟ୍‌ରେ ଯାଇ ସଫଳ ହୋଇପାରିବ।



ଗତ ଜୁନ୍ ମାସରେ ଇଂଲଣ୍ଡ ଗସ୍ତ ଯାଇଥିଲେ ଭାରତୀୟ ଟିମ୍। ଏହାପୂର୍ବରୁ ମେ ୭ ତାରିଖରେ ଟେଷ୍ଟ କ୍ରିକେଟ୍‌କୁ ବାଏ ବାଏ କହିଥିଲେ ରୋହିତ ଶର୍ମା। ଏହାପୂର୍ବରୁ ମାନେ ୨୦୨୪ରେ ଟି-୨୦ ବିଶ୍ୱକପ୍ ବିଜୟୀ ପରେ ଏହି ଫର୍ମାଟକୁ ବି ଅଲ୍‌ବିଦା କହିଥିଲେ ହିଟ୍ ମ୍ୟାନ୍ ( ରୋହିତ ଶର୍ମା)। ୱାର୍କ ଲୋଡ୍‌କୁ ଧ୍ୟାନରେ ରଖି ରୋହିତ ଶର୍ମା ଏପରି ନିଷ୍ପତ୍ତି ନେଇଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ଦୀର୍ଘ ସମୟରେ ଟେଷ୍ଟ କ୍ରିକେଟ୍ ନେଇ ରୋହିତ ଶର୍ମା ବଡ଼ କଥା କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ରୋହିତଙ୍କୁ ଟେଷ୍ଟ କ୍ରିକେଟ୍‌ର ଭବିଷ୍ୟତ ନେଇ ପ୍ରଶ୍ନ କରାଯାଇଥିଲା। ଯାହାର ଉତ୍ତରରେ ରୋହିତ କହିଥିଲେ କି, କ୍ରିକେଟ୍‌ର ପାଇଁ ବହୁତ ଚ୍ୟାଲେଞ୍ଜିଂ ଟେଷ୍ଟ କ୍ରିକେଟ୍। ୫ ଦିନ ଧରି ପଡିଆରେ ରହିବା ବହୁତ କଠିନ। ଦିନିକିଆ ଓ ଟି-୨୦ କ୍ରିକେଟ୍ ଖେଳାଳିଙ୍କ ପାଇଁ ଟିକିଏ ସହଜ। ଏହା କମ୍ ସମୟ ଓ ସୀମିତ ଓଭରରେ ଖେଳାଯାଇଥାଏ। ହେଲେ ଟେଷ୍ଟ କ୍ରିକେଟ୍ ଖେଳିବାକୁ ହେଲେ ଜଣେ କ୍ରିକେଟରଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏଥିପାଇଁ ନିଜ ସକ୍ଷମ ଠାରୁ ଅଧିକ ଅଭ୍ୟାସ କରିବାକୁ ପଡିବ। ଯଦି ଏସବୁରେ ଆପଣ ସଫଳ ହେଉଛନ୍ତି। ତେବେ ଯାଇ ଆପଣ ଟେଷ୍ଟ କ୍ରିକେଟରେ ସଫଳ ହୋଇପାରିବେ। ସୂଚନାଯୋଗ୍ୟ ଯେ, ରୋହିତ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୪୩୦୧ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ବ୍ୟକ୍ତିଗତ ଭାବେ ୨୧୨ ତାଙ୍କର ସର୍ବାଧିକ ସ୍କୋର ରହିଛି। ତେବେ ଟେଷ୍ଟ କ୍ରିକେଟ୍‌ରେ ରୋହିତ ଶର୍ମା ୧୮ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ୧୨ ଶତକ ନିଜ ନାଁରେ କରିଛନ୍ତି। ଏହାବାଦ୍ ଗୋଟିଏ ଦ୍ୱିଶତକ ମଧ୍ୟ ହାସଲ କରିଛନ୍ତି।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ : ମୀରାବାଈଙ୍କୁ ସ୍ୱର୍ଣ୍ଣ

**ଅହମ୍ମଦାବାଦ**



ସୋମବାର ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନ୍‌ସିପରେ ସଫଳତା ସହ ପ୍ରତ୍ୟାବର୍ତ୍ତନ କରିଛନ୍ତି ଦେଶର ତାରକା ଭାରୋତ୍ତୋଳକ ମୀରାବାଈ ଚାନୁ। ଟୋକିଓ ଅଲିମ୍ପିକ୍‌ସରେ ରୌପ୍ୟ ପଦକ ଜିତିଥିବା ମୀରାବାଈ ସ୍ୱର୍ଣ୍ଣପଦକ ଜିତି ପ୍ରମାଣ କରିଛନ୍ତି ଯେ ତାଙ୍କଠାରେ ଏବେ ମଧ୍ୟ ଆନ୍ତର୍ଜାତିକ ପ୍ରତିଯୋଗିତାରେ ପଦକ ଜିତିବାର ସାମର୍ଥ୍ୟ ରହିଛି। ମହିଳା ୪୮ କିଲୋଗ୍ରାମ ବର୍ଗରେ ୩୧ ବର୍ଷ ବୟସ୍କା ମଣିପୁରର ମୀରାବାଈ ଭାଗ ନେଇଥିଲେ। ମୀରାବାଈ ସ୍ନାଚ୍‌ରେ ୮୪ କିଗ୍ରା ଓ କ୍ଲିନ୍ ଏଣ୍ଡ ଜର୍କରେ ୧୦୯ କିଗ୍ରା; ଏହିପରି ମୋଟ ୧୯୩ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏହାସହ ମୀରାବାଈ ୩ଟିଯାକ ବିଭାଗରେ ନୂତନ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି। ଆହତ ଥିବାରୁ ମୀରାବାଈ ବର୍ଷେ ହେଲା କୌଣସି ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନଥିଲେ। ସୋମବାର ପ୍ରତିଯୋଗିତା ବେଳେ ମୀରବାଈ ତାଙ୍କ ଡାହାଣ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିଥିଲେ। ୬ଟିରୁ ମାତ୍ର ୩ଟି ପ୍ରୟାସରେ ସେ ସଫଳ ଭାବେ ଭାର ଉଠାଇ ପାରିଥିଲେ। ଏହି ବିଭାଗରେ ୧୬୧ କିଗ୍ରା ସହ ମାଲେସିଆର ଇରିନ୍ ହେନ୍‌ରୀ ରୌପ୍ୟ ଓ ୧୫୦ କିଲୋଗ୍ରାମ ସହ ୱେଲ୍‌ସର ନିକୋଲ ରବର୍ଟସ କାଂସ୍ୟ ପଦକ ଜିତିଛନ୍ତି।

# ଭାରତୀୟ ଫୁଟବଲ ଦଳ ଆଗାମୀ କାଫା ନେସନ୍ସ କପ୍ ଲାଗି ପ୍ରସ୍ତୁତ : ମୁଖ୍ୟ କୋଚ୍

**ବେଙ୍ଗାଲୁରୁ**

ଜାତୀୟ କ୍ୟାମ୍ପରେ ଟପ୍ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଫୁଟବଲ ଦଳ ଆଗାମୀ କାଫା ନେସନ୍ସ କପ୍ ଲାଗି ପ୍ରସ୍ତୁତ ଥିବା ନୂଆ ମୁଖ୍ୟ କୋଚ୍ ଖାଲିଦ ଜମିଲ କହିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚାମ୍ପିଅନ ମୋହନ ବାଗାନ ସୁପର ଜାଏଣ୍ଟ କ୍ୟାମ୍ପ ଲାଗି ୭ ଖେଳାଳିଙ୍କୁ ଛାଡ଼ିବାକୁ ମନା କରି ଦେଇଛି। ଆଇଗର ଷ୍ଟିମାକଙ୍କଠାରୁ ଦାୟିତ୍ୱ ସମ୍ଭାଳିଥିବା ଜମିଲଙ୍କ ନେତୃତ୍ୱରେ କ୍ୟାମ୍ପରେ ୨୯ ଖେଳାଳି ଟ୍ରେନିଂ ନେଉଛନ୍ତି।

କ୍ଲବ କିଛି କାରଣରୁ ଖେଳାଳିଙ୍କୁ ଛାଡୁନାହାନ୍ତି। ଏଣୁ ଉପଲବ୍ଧ ଥିବା ଖେଳାଳିଙ୍କ ସହ କାମ କରିବାକୁ ପଡ଼ିବ। ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଖେଳାଳିମାନେ ବି ମୋ ସହ ଅଛନ୍ତି। ମୋତେ ସେମାନଙ୍କ ସହ କାମ କରିବାରେ କୌଣସି ଅସୁବିଧା ହେଉ ନାହିଁ। ଏଣୁ ବର୍ତ୍ତମାନ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବାର ସମୟ। କିଛି ଖେଳାଳି ଉପଲବ୍ଧ ନାହାନ୍ତି। ଯେଉଁମାନେ ଫିଟ୍ ଅଛନ୍ତି, ସେମାନଙ୍କୁ ଚୟନ କରୁଛୁ।

ବର୍ତ୍ତମାନ କେବଳ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଚିନ୍ତା କରାଯାଉଛି। ଖେଳାଳିଙ୍କୁ ମାନସିକ ସ୍ତରରେ ଦୃଢ଼ ହେବାକୁ ପଡ଼ିବ। ନିଜ ଉପରେ ବିଶ୍ୱାସ ରଖି ଖେଳିବାକୁ ପଡ଼ିବ। ଦଳରେ ଏବେ ବି ସନ୍ଦେଶ ଝିଙ୍ଗହାନ, ଗୁରପ୍ରୀତ ସାନ୍ଧୁ, ଅନୱର ଅଲୀଙ୍କ ଭଳି ଖଳାଳି ଅଛନ୍ତି। ଭଲ ନୂଆ ଖେଳାଳି ବି ଅଛନ୍ତି। କ୍ୟାମ୍ପରେ ଆମ ଦଳ ଦୁର୍ବଳ ବୋଲି ମୁଁ କଦାପି ଅନୁଭବ କରୁନାହିଁ। ଦଳ ପ୍ରସ୍ତୁତ ଅଛି। ଟୁର୍ଣ୍ଣାମେଣ୍ଟ ଆମକୁ ପରବର୍ତ୍ତୀ ୩ ମ୍ୟାଚ୍ ଲାଗି ଉପଯୁକ୍ତ ପ୍ରସ୍ତୁତି ଯୋଗାଇବ ବୋଲି ଖବରଦାତା ସମ୍ମିଳନୀରେ ମୁଖ୍ୟକୋଚ୍ କହିଛନ୍ତି।

# ଦ୍ୱିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ଅତାବିରା ଚାମ୍ପିଅନ



**ବରଗଡ଼**

ବରଗଡ଼ ଜିଲ୍ଲା ଅତାବିରା ବ୍ଲକରେ ଇଲେଭେନ ଷ୍ଟାର ଜାଙ୍ଗେଡ଼ ଦ୍ୱାରା ଆୟୋଜିତ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୧୬ଟି ଦଳକୁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅତାବିରା ଚାମ୍ପିଅନ ହୋଇଛି। ସୋମବାର ଅତାବିରା ଓ ପୁଟପୁଟପାଲି ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଅତାବିରା ଦଳ ୧-୦ ଗୋଲରେ ପୁଟପୁଟପାଲିକୁ ହରାଇ ବିଜୟୀ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡେବ୍ରୀଗଡ଼ ରେଞ୍ଜର ରାଜେଶ କୁମାର ମହାକୁର, ଜଙ୍ଗେଡ ସରପଞ୍ଚ ଭାଗବତିୟା ସିଂ ଓ ଟାଙ୍ଗରପାଲି ସରପଞ୍ଚ ପ୍ରତିନିଧି ଲଳିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ପଙ୍କଜ ମିର୍ଦ୍ଧା, ପ୍ରଦୀପ ପ୍ରଧାନ, ପ୍ରଦୀପ, ମନୋଜ ଓ ଝୁନୁ ପରିଚାଳନା କରିଥିଲେ। ପରିଶେଷରେ ଇଲେଭନ ଷ୍ଟାର ଜଙ୍ଗେଡ଼ର ପୂର୍ବତନ ଖେଳାଳି ସୁଦାମ ଭୁଏ ସମସ୍ତ ଖେଳାଳି, ମୁଖ୍ୟଅତିଥି ଓ ଅତିଥିମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। ମୁନା ନାଏକ, ଗୁଣନିଧି ଭୋଏ, ଅରବିନ୍ଦ ଭୋଇ, ଗୋପୀନାଥ ମିର୍ଦ୍ଧା ଓ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଏସୀୟ ସୁଟିଂ: ନୀରୁଙ୍କୁ ଦୁଇ ସ୍ୱର୍ଣ୍ଣ, ମନୁ ୪ର୍ଥ

**ନୂଆଦିଲ୍ଲୀ**

କାଜାଖ୍‌ସ୍ତାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନ୍‌ସିପରେ ଭାରତକୁ ନିରାଶ କରିଛନ୍ତି ପ୍ୟାରିସ୍ ଅଲିମ୍ପିକ୍‌ସରେ ଦୁଇଟି ପଦକ ଜିତିଥିବା ମାନୁ ଭାକର। ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମନୁ ଚତୁର୍ଥ ଓ ତାଙ୍କ ସାଥି ଇଶା ସିଂହ ଷଷ୍ଠ ସ୍ଥାନରେ ରହିଥିଲେ। ମାନୁ ଓ ଇଶା ବିଫଳ ହୋଇଥିଲେ ମଧ୍ୟ ଭାରତକୁ ସୋମବାର ଏକାଧିକ ପଦକ ମିଳିଛି। ଜାତୀୟ ଚାମ୍ପିଅନ୍‌ସିପ୍ ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଆଉ ଜଣେ ଭାରତୀୟ ଅସୀମା ଆଲୱ୍ତ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ମୁକାବିଲାରେ ନୀରୁ ୪୩ ଓ ଅସୀମା ୨୯ ପଏଣ୍ଟ ପାଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଚୀନ୍ ଓ କୁଏତ୍‌କୁ ପଛରେ ପକାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି। ମହିଳା ଟ୍ରାପ୍‌ରେ ନୀରୁ, ଅସୀମା ଓ ପ୍ରୀତି ରଜାକ୍ ୩୧୯ ପଏଣ୍ଟ ସ୍କୋର କରି ଏହି ଇଭେଣ୍ଟରେ ୨ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତକୁ ତୃତୀୟ ପଦକ ମିଳିଛି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ।



ବ୍ୟକ୍ତିଗତ ବିଭାଗରେ ଭାରତ କୌଣସି ପଦକ ଜିତି ନ ଥିଲେ ମଧ୍ୟ ଦଳଗତ ବିଭାଗରେ ମାନୁ, ଇଶା ଓ ସିମ୍ରନପ୍ରୀତ୍ କୌର ବ୍ରାର କାଂସ୍ୟ ପଦକ ଜିତି ପାରିଛନ୍ତି। ପୁଣି କନିଷ୍ଠ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ସମସ୍ତ ପଦକ କବ୍‌ଜା କରିଛି। ଏଥିରେ ପାୟଲ ଖତ୍ରୀଙ୍କୁ ସ୍ୱର୍ଣ୍ଣ, ନମ୍ୟା କପୁରଙ୍କୁ ରୌପ୍ୟ ଓ ତେଜସ୍ୱିନୀଙ୍କୁ କାଂସ୍ୟ ପଦକ ମିଳିଛି। ଏହାଛଡ଼ା ଦଳଗତ ବିଭାଗରେ ଏହି ତିନି ସୁଟର ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

# ଆମ ସଂସ୍କୃତି, ପରମ୍ପରା ଓ ସ୍ୱଦେଶୀ ଜ୍ଞାନର ସଠିକ୍ ଉପଯୋଗ ହେଲେ ଓଡ଼ିଶା ସମୃଦ୍ଧ ହେବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଗୌରବମୟ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ମୂଲ୍ୟବୋଧକୁ ସମ୍ମାନ ଦେବାର ମହତ୍ ଉଦ୍ଦେଶ୍ୟ ନେଇ ଗଢ଼ି ଉଠିଥିବା 'ସ୍ଥାପନା' କ୍ରମଶଃ ତା'ର ଲକ୍ଷ୍ୟ ପଥରେ ଅଗ୍ରସର ହେବାରେ ଲାଗିଛି। ଓଡ଼ିଶାର ଲୋକକଳା ଠାରୁ ଆରମ୍ଭ କରି ଐତିହ୍ୟ, ପରାମ୍ପରାକୁ ବଞ୍ଚାଇ ରଖିବା ନିମନ୍ତେ ହେଉକି ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି 'ବନ୍ଦେ ଓଡ଼ିଶା' କାର୍ଯ୍ୟକ୍ରମରେ ଉପସ୍ଥିତ ଗଣ୍ୟମାନ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଜୟଦେବ ଭବନରେ ସ୍ଥାପନା ପକ୍ଷରୁ ସୋମବାର ଦିନ ଆୟୋଜିତ ଉକ୍ତ ଅଭିନବ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂ, ବନ୍ଦେ ଓଡ଼ିଶାର ଉପଦେଷ୍ଟା ତଥା ପୂର୍ବତନ ସାଂସଦ ଡ. ପ୍ରଭାସ ସିଂ, ବିଜେପିର ରାଜ୍ୟ ଉପାଧ୍ୟକ୍ଷ ଗୋଲକ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ଗୋରେଖନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟରେ କହିଥିଲେ



ଯେ ମା' ମାଟି ଉପରେ କୌଣସି ପ୍ରକାର ବୁଝାମଣା ହୋଇପାରିବ ନାହିଁ। ଏ ମାଟିକୁ, ଏ ଦେଶକୁ, ଏ ଜାତିକୁ ପୁଣିଥରେ ଶ୍ରେଷ୍ଠ କରିବାକୁ ପଡ଼ିବ। ଏଥିପାଇଁ ଆମ ସମସ୍ତଙ୍କୁ ଏକାଠି ହେବା ଆବଶ୍ୟକ। ସ୍ଥାପନା ଚରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆମ ସଂସ୍କୃତି, ପରମ୍ପରା, ଐତିହ୍ୟର ସୁରକ୍ଷା ପାଇଁ କରାଯାଉଥିବା କାର୍ଯ୍ୟକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଆମ ଭାଷା, ସାହିତ୍ୟ ଓ ଲୁପ୍ତପ୍ରାୟ ପରମ୍ପରାର ପୁନରୁଦ୍ଧାର ପାଇଁ ଆହୁରି କାମ କରାଯାଉ ଓ ଏହି ଧାରାରେ ଯୁବ ସମାଜ ସାମିଲ ହୁଅନ୍ତୁ। ଯାହାଫଳରେ ଓଡ଼ିଶା ସମୃଦ୍ଧ ହେବା ସହିତ ସମଗ୍ର ଦେଶରେ ରାଜ୍ୟର ସୁନାମ ବଢ଼ିବ ବୋଲି କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କବିତା କର ଓ ଇଂ ସୁଧୀର ସାହୁଙ୍କୁ ବନ୍ଦେ ଓଡ଼ିଶା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସ୍ଥାପନାର ଅଧ୍ୟକ୍ଷା ନିବେଦିତା ବଳୀଆରସିଂ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅପରେସନ୍ ସିନ୍ଦୂରକୁ ସମ୍ମାନ ଜଣାଇ ବନ୍ଦେ ଓଡ଼ିଶା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଲେଫ୍ଟନାଣ୍ଟ ଜେନେରାଲ ଡ. ନାରାୟଣ ମହାନ୍ତି, ବ୍ରିଗେଡିୟର ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବ୍ରିଗେଡିୟର ଗିରୀଜା ପ୍ରସାଦ ପାଣିଗ୍ରାହୀ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଦେବରାଜ ମଲ୍ଲିକ, ଲେଫ୍ଟନାଣ୍ଟ କର୍ଣ୍ଣେଲ ସଂଗ୍ରାମ କେଶରୀ ବରାଳ ଓ କର୍ଣ୍ଣେଲ ପି.କେ. ସିଂ ପ୍ରମୁଖ ବହୁ ସେନାଅଧିକାରୀଙ୍କ ଉପସ୍ଥିତିରେ ଦେଶ ମାତୃକାକୁ ସମ୍ମାନ ଜଣାଇବା ସହ ସେନା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅପରେସନ୍ ସିନ୍ଦୂର ଉପରେ ଆଧାରିତ ଏକ ଅଡିଓ ଭିଜୁଆଲ ପ୍ରଦର୍ଶିତ କରାଯାଇଥିଲା। ପରେ ପରେ ଅତିଥିମାନଙ୍କ ଦ୍ୱାରା ଇଂ. ସୁଧୀର କୁମାର ସହୁ, ମୀନା ମହାରଣା ଓ ଗୋରେଖନାଥ ସାହୁଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦେ ଓଡ଼ିଶା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ନାଉରୀ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସରୋଜ କୁମାର ଭୂୟାଁ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ୟତମ ଉପାଧ୍ୟକ୍ଷା ସୁମିତ୍ରା ମହାପାତ୍ର। ପରିଶେଷରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା, ଅଭିନେତ୍ରୀ ତଥା ସମାଜସେବୀ ଡ. ଚନ୍ଦନା ରାଉଳ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ସରୋଜ ଭୂୟାଁଙ୍କ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ଜଙ୍ଗଲ ଜଳୁଛେ' ପ୍ରଦର୍ଶିତ କରାଯାଇଥିଲା।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି, ମହିଳା ଶାଖାର ୪ର୍ଥ ବାର୍ଷିକ ସମ୍ମିଳନୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି, ମହିଳା ଶାଖର ୪ର୍ଥ ବାର୍ଷିକ ସମ୍ମିଳନୀ ହୋଟେଲ ଶୀତଲର ସମ୍ମିଳନୀ ଗୃହରେ ମନୋରମା ପଣ୍ଡା ଓ ଜୟଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଣ୍ଣଲତା ପ୍ରଧାନ ଓ କବିତା ମହନ୍ତି ଭଜନ ଆବୃତି କରିଥିଲେ। ମହିଳା ସଦସ୍ୟାମାନଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ଆୟୋଜନ କରିଥିଲେ ସ୍ୱର୍ଣ୍ଣଲତା ପ୍ରଧାନ। ସମାଜରେ ବରିଷ୍ଠ ନାଗରିକଙ୍କ ସାହାଯ୍ୟ କରିବା ସହ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା। ସମାଜରେ ଛାତ୍ର, ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ରୋକିବାକୁ ସମସ୍ତଙ୍କୁ ସଚେତନ କରାଇବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ବରିଷ୍ଠ ସଭ୍ୟା ଉର୍ବାସିନୀ ତ୍ରିପାଠୀ, ତରୁଲତା ସାମଲ, ପ୍ରଭାସିନୀ କର, ସ୍ନେହମଞ୍ଜରୀ ବାରିକ, କବିତା ଦାସ, ରାସେଶ୍ୱରୀ ପଟ୍ଟନାୟକ, ମାନସବାଳା ସାମଲ, ରଶ୍ମୀ ଜେନା, ଅଳକା ଦାସ, ପଦ୍ମିନୀ ପରିଡ଼ା, ସୁରେଖା ସାହୁ, ବିଜୟଲକ୍ଷ୍ମୀ ନନ୍ଦ, ଜ୍ୟୋସ୍ନାମୟୀ ଧାନୀ, ଅଞ୍ଜଳି ମହାପାତ୍ର, ରାସକେଳା ବେହେରା ଆଦି ଅଂଶ ଗ୍ରହଣ କରିଥିଲେ। ସଭ୍ୟାମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବୋଲି ଉର୍ବାସିନୀ ତ୍ରିପାଠୀ ଜଣାଇଛନ୍ତି।

# ବନ୍ୟା ପରେ ବଢୁଛି ଦୁର୍ଦ୍ଦଶା : ହନ୍ତସନ୍ତ ହେଉଛନ୍ତି ଲୋକେ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଆଖୁଆପଦାରେ ବୈତରଣୀରେ ଜଳସ୍ତର କମିଥିଲେ ବି ତଳିଆ ଅଞ୍ଚଳରେ ଦୁର୍ଦ୍ଦଶା ଲାଗି ରହିଛି। ଭଟ୍ଟସାହି, ବୟାଗଡ଼ିହ, କୋଠାର, ପାଳସାହି, ରଇପୁର ପଞ୍ଚାୟତକୁ ଧୀରେ ଧୀରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ଆରପଟେ ହସନାବାଦ, ଅର୍ଜୁନପୁର, ପଧାନି ଓ ନଦୀଗାଁ ପଞ୍ଚାୟତରେ ବନ୍ୟା ହ୍ରାସ ପାଇଛି। ତଥାପି ହସନାବାଦ ପଞ୍ଚାୟତର ଅନଳଡିହ ଓ ଗୋପବନ୍ଧୁନଗର, ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଗାଁରେ ଏବେବି ଘର ଭିତରେ ପାଣି ଲହଡ଼ି ଭାଙ୍ଗୁଛି। ଯେଉଁମାନଙ୍କ ଘର ଉଚ୍ଚାରେ ରହିଛି ସେମାନଙ୍କ ଘରୁ ପାଣି ଛାଡ଼ିଯାଇଛି। ପାଣି ଛାଡ଼ିବା ପରେ ଲୋକେ ଘର ସଫାସୁତୁରା କରିଛନ୍ତି। ଭିଜି ଯାଇଥିବା ବିଛଣା, ଘରକରଣା ଜିନିଷ ଖରାରେ ଶୁଖାଉଛନ୍ତି। ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ବ୍ଲକ ପକ୍ଷରୁ ୫ଟି ପଞ୍ଚାୟତର ୨୫ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ଦିଓଳି ଖାଇବାକୁ ଦିଆଯାଉଛି। ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା କିଛି ଲୋକ ଘରକୁ ଫେରିଥିଲେ ବି ରୋଷେଇ କରିପାରି ନାହାନ୍ତି। ସେମାନେ ସମସ୍ତେ ରନ୍ଧା ଖାଦ୍ୟ ଉପରେ ନିର୍ଭର କରିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ବିସ୍କୁଟ, ଚୂଡ଼ା, ଚିନି ଓ ଦିଆସିଲି ଯୋଗାଇ ଦିଆଯାଇଛି। ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର, ଉତ୍ତେଇପୁରର ମଲ୍ଲିମାହାରା, ଖଡ଼ିପଦାର ଗାଇଛନ୍ଦା, ମଠମାହାରା ଓ କନକେଇ ଏସ୍‌କେପରୁ ପାଣି ଖସିଛି। ହେଲେ ସୋମବାର ମାଡ଼ିଥିବା ପାଣି ଏବେ ବି ଚାଷ ଜମିରେ ମାଡୁଛି। ବନ୍ୟା ଯୋଗୁଁ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା, ଅର୍ଜୁନପୁର, ଦଳାଙ୍ଗ ଓ ବୟାଗଡିହ ପଞ୍ଚାୟତର ହଜାର ହଜାର ହେକ୍ଟର ଜମି ବୁଡ଼ି ରହିଥିବାରୁ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ଏଇ କିଛିଦିନ ତଳେ ଏହିସବୁ ଅଞ୍ଚଳରେ ରୁଆପୋତା ହୋଇଥିଲା। ହେଲେ ବନ୍ୟା ଜଳ ମାଡ଼ିବାରୁ କେଉଁଠି ବିଲରୁ ଧାନ ଗଛ ଧୋଇଯାଇଛି ତ ଆଉ କେତେକ ଜମିରେ ବହଳିଆ ପଟୁ ପଡ଼ିଯିବା ଆଶଙ୍କା ରହିଛି। ସେହିପରି ବନ୍ୟା ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଏଯାଏ ଖାଦ୍ୟ ମିଳିନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

OFFICE OF THE CDM & PHO cum DMD,SUBARNAPUR
E-351
DISTRICT PROGRAMME MANAGEMENT UNIT, NHM
E-mail : nhm.subarnapur@gmail.com
Letter No: 1993 /DPMU/NHM/2025 Date: 19.08.2025

NOTICE INVITING EOI FOR EMPANELLMENT OF AGENCY

Sealed tenders/bids are hereby invited regarding empanelment of Agency/Supplier for following Items/services to office of the CDM & PHO, Subarnapur on annual rate Contract basis of ZSS, Subarnapur.

- Tender A - Empanelment for providing Computer Consumables
- Tender B - Empanelment for supply of lunch, tea and snacks.
- Tender C- Empanelment for providing office stationary items
- Tender D- Empanelment for supply of Electric items.
- Tender E- Empanelment for supply of Water supply items.

Details bid documents for all above services may be downloaded from www.subarnapur.odisha.gov.in. Interested bidders have to submit separate bid of each of the above items/services. The sealed tender should reach the office of the undersigned on or before 09.09.2025 by 5 PM along with the required documents. The tender will be opened on 10.09.2025 at 11 A.M in the office chamber of the undersigned. The undersigned reserves the right to reject any or all the quotation without assigning any reason thereof.

Sd/- CDM & PHO cum DMD
Subarnapur
OIPR-10118/11/0010/2526

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
n-137

DISTRICT PROJECT OFFICE
Old Revenue Colony, Behind Govt. Hospital, RAYAGADA
email - dpcrayagadassa.opepa@nic.in
Letter No. 3092 / XI/PED/49/ /2025 Dated 26.08.2025

NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for Supply of "Teaching Learning Material- 2025-26 for the students of Shishu Vatika & Class- I to III" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date &. time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Teaching Learning Material- 2025-26 for the students of Shishu vatika & Grade- I to III | Rs.2000/- (Rupees Two Thousand only) | Rs.40000/- (Rupees Forty thousand only) | 15.09.202.5 by 5.30 pm | 16.09.2025 by 4.00 pm |

The detailed BID document is available in the website https://osepa.odisha.gov.inhttps://rayagada.odisha.gov.inInterested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd/- Collector-cum- Chairman,
Samagra Shiksha, Rayagada.
OIPR-27168/11/0005/2526

# ପ୍ରସିଦ୍ଧ ଗଣିତଜ୍ଞ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ଜୀବନ ଯାତ୍ରା ଆମପାଇଁ ଅନୁସରଣୀୟ

**|| ଶରତ ପାତ୍ର ||**

ପ୍ରସିଦ୍ଧ ଗଣିତଜ୍ଞ, ଉତ୍କଳର ଗୌରବ, ପ୍ରଫେସର ଗୋକୁଳାନନ୍ଦ ଦାସଙ୍କର ୧୬ ଅଗଷ୍ଟ ୨୦୨୫ ରେ ଦେହାବସାନ ହୋଇଛି। ସେ ଗଣିତ ଓ ଶିକ୍ଷା କ୍ଷେତ୍ରରେ ଏକ ସମୃଦ୍ଧ ଏବଂ ଅମର ସମ୍ପଦ ଛାଡ଼ିଗଲେ। ବର୍ତ୍ତମାନର ଗଣିତ ବିଦ୍ୟାର ଛାତ୍ରମାନେ ଆଜି ପରି ଦିନରେ ତାଙ୍କୁ ଟିକେ ସ୍ମରଣ କଲେ ଓ ଯତ୍‌କିଞ୍ଚିତ ସମ୍ଭବ ତାଙ୍କୁ ଅନୁକରଣ କଲେ ପ୍ରଫେସର ଦାସଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

ପ୍ରଫେସର ଗୋକୁଳାନନ୍ଦ ଦାସ ୧୯୩୮ ମଇ ୧୨ ତାରିଖରେ ଓଡ଼ିଶାର ବାଡି ନାମକ ଏକ ବନ୍ୟାପ୍ରବଣ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଶିଶୁକାଳରୁ ସେ ପ୍ରକୃତି ସହିତ ମିଶି ଏକ ସରଳ ଜୀବନଯାପନ କରୁଥିଲେ। ବାପା ଦୁର୍ଗାଦାସ (୧୯୦୦-୧୯୭୦) ଓ ମା' ସୀତାଦେବୀ (୧୯୧୦-୧୯୯୨)ଙ୍କ ସନ୍ତାନ ଭାବେ ସେ ସତ୍ୟ, ପରିଶ୍ରମ ଓ ଶିକ୍ଷା ପ୍ରତି ସମର୍ପିତ ମୂଲ୍ୟବୋଧରେ ପ୍ରଶିକ୍ଷିତ ହୋଇଥିଲେ। ତାଙ୍କର ଶିକ୍ଷା ଓ ପ୍ରାରମ୍ଭିକ ଜୀବନ ଆଜିର ଛାତ୍ରମାନଙ୍କ ପାଇଁ ଏକ ନମୁନା ଏବଂ ପ୍ରଣିଧାନଯୋଗ୍ୟ। ଶିଶୁକାଳରୁ ସଂଖ୍ୟା, ହିସାବ ଓ ଗଣିତ ପ୍ରତି ତାଙ୍କର ଅସାଧାରଣ ଆକର୍ଷଣ ଦେଖାଗଲା। ସ୍ଥାନୀୟ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ଶେଷ କରି ସେ କଟକ ସ୍ଥିତ ରେଭେନ୍ସା କଲେଜକୁ ପଢିବାକୁ ଯାଇଥିଲେ। ସେଠାରେ ସେ ଗଣିତ ବିଦ୍ୟାରେ B.Sc. (Hons) ଓ M.A. ରେ ସେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସଫଳତା ସହ ପାଶ କରିଥିଲେ। ସେ ଏକ ଅସାଧାରଣ ବ୍ୟକ୍ତିତ୍ୱ ଯିଏ M.A. ଓ M.Sc. ଉଭୟରେ ଗଣିତ ବିଦ୍ୟାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ପଦକରେ ସମ୍ମାନିତ ହୋଇଥିଲେ। ସେ କାଳରେ ଓଡିଶାରେ ଗଣିତ ବିଜ୍ଞାନ ପାଇଁ ଏକ ନୂତନ ଦିଗ ଖୋଲିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୯୧ ମସିହାରେ ରାଞ୍ଚି ଇଉନିଭର୍ସିଟିରୁ D.Sc. ପ୍ରାପ୍ତ କରିବା ପରେ ତାଙ୍କର ବିଦ୍ୟାଲୋଚନାମୂଳକ ପ୍ରୟାସ ସର୍ବୋଚ୍ଚ ସ୍ୱୀକୃତି ପାଇଲା।

ପେଶାଜୀବନ ଓ ଶୋଧକାର୍ଯ୍ୟକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରଫେସର ଦାସଙ୍କ ସମଗ୍ର ପେଶାଜୀବନ ଗଣିତ ଶିକ୍ଷା, ଶୋଧ ଓ ଗାଣିତିକ ଚିନ୍ତାଧାରାକୁ ପ୍ରଚାର କରିବାରେ ନିୟୋଜିତ ହୋଇଥିଲା। ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଅନେକ ପିଢିର ଛାତ୍ରଛାତ୍ରୀଙ୍କ ପାଇଁ ସେ କେବଳ ଶିକ୍ଷକ ନୁହେଁ, ବର ଏକ ସଦଗୁରୁ, ପରାମର୍ଶଦାତା ଓ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ଭାବେ ଗଢିଥିଲେ।

ତାଙ୍କର ବୃତ୍ତିଗତ ଜୀବନକୁ ଦେଖିଲେ ଜଣାଯାଏ ଯେ ପିଲା ଦିନରୁ ନିଜକୁ ଶୋଧ କାର୍ଯ୍ୟପାଇଁ ସମର୍ପଣ କରି ଦେଇ ଥିଲେ। ୧୯୬୩ ରୁ ୧୯୬୪ Junior C.S.I.R. Fellow, ୧୯୬୪-୬୫ Senior C.S.I.R. Fellow, ୧୯୬୭ରୁ ୬୯ Commonwealth Scholar ଭାବେ University College London ରୁ PhD ପରର ଶୋଧକାର୍ଯ୍ୟ (Post-doctoral Research) ଇତ୍ୟାଦି। ପରବର୍ତ୍ତୀ କାଳରେ ୧୯୭୯ ମସିହାରେ UGC Visiting Professor ଭାବେ, ଆମେରିକାର ସାଣ୍ଟା ବାରବରାରେ ଅବସ୍ଥିତ କାଲିଫର୍ନିଆ ଇଉନିଭର୍ସିଟି କାର୍ଯ୍ୟ କରିଥିଲେ। ୨୦୦୦ ରୁ ୨୦୦୩ ମଧ୍ୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ଦ୍ୱାରା ଉଚ୍ଚତର ଗବେଷଣା କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦତ୍ତ Emeritus Fellow ମଧ୍ୟ ଗ୍ରହଣ କରିଥିଲେ। ଗଣିତ ବିଦ୍ୟାର ସାମଗ୍ରିକ ଉନ୍ନତି ପାଇଁ ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ National Board for Higher Mathematics ସହିତ ଜଡ଼ିତ ଥିଲେ ଓ ବିଭିନ୍ନ ବୈଠକ ଓ ସଭାରେ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ।

ତାଙ୍କର ଅବଦାନ କ୍ଲାସରୁମ୍‌ରେ ସୀମିତ ନଥିଲା। ସେ ଅନେକ ପୁସ୍ତକ ରଚନା କରିଥିଲେ। ୨୦୧୭ ମସିହାରେ ତାଙ୍କ ଦ୍ୱାରା ରଚିତ ଓ ଦିଲ୍ଲୀର National Publishing



House, ଦ୍ୱାରା ପ୍ରକାଶିତ "Zero, The Spiritual Number" ଗଣିତକୁ ଏକ ଆଧ୍ୟାତ୍ମିକ ଭାବନାରେ ବ୍ୟାଖ୍ୟା କରିଥିଲା। "ଗଣିତ ଗୀତ, ମନ ଗୀତ, ମନ ଗଣିତ" ପରି ପୁସ୍ତକ ତାଙ୍କର ଓଡ଼ିଆ ଭାଷାପ୍ରେମ ଓ ଲୋକଙ୍କ ନିକଟରେ ଗଣିତକୁ ନେବାର ଚେଷ୍ଟାକୁ ପ୍ରକାଶ କରିଥିଲା।

ପ୍ରଫେସର ଦାସଙ୍କ ଶିକ୍ଷାବ୍ୟବସ୍ଥା, ଶିକ୍ଷାଦାନ ପଦ୍ଧତି ଏବଂ ପ୍ରଶାସନିକ ଅବଦାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଣିତ ଶିକ୍ଷାକୁ ଉଚ୍ଚ ସ୍ତରକୁ ନେଇଗଲା। ସେ ଗଣିତ ବିଭାଗର ମୁଖ୍ୟ ଥିବା ବେଳେ ଅନେକ ପ୍ରକାର ସୁଧାର ଆଣିଥିଲେ ଯାହା ପରବର୍ତ୍ତୀ ସମୟରେ ବିଭାଗର ଉନ୍ନତିର ସାଧନ ହୋଇଥିଲା। ଆଜି ମଧ୍ୟ ଗଣିତ ବିଭାଗର କଥା ପଡ଼ିଲେ ପ୍ରଫେସର ଦାସଙ୍କ ଦ୍ୱାରା ସାମଗ୍ରିକ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପକୁ ସକାରାତ୍ମକ ଆଲୋଚନାରେ ସ୍ଥାନ ଦିଆଯାଏ।

ତାଙ୍କ ୩୮ ବର୍ଷର ଦୀର୍ଘ ଶିକ୍ଷକ ଜୀବନରେ ସେ କିଛି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ଗଙ୍ଗାଧର ମେହେର କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଣିତ ବିଦ୍ୟାରେ ସମ୍ପୃକ୍ତ ରହିଥିଲେ। ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟରତ ଥିଲେ। ଭୁବନେଶ୍ୱରର 'ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ମାଥେମାଟିକ୍ସ ଅଣ୍ଡ ଆପ୍ଲିକେସନ୍ସ'-ର ସ୍ଥାପକ ସଦସ୍ୟ ଭାବେ ତାଙ୍କର ବହୁମୂଲ୍ୟ ଅବଦାନକୁ ସ୍ମରଣ କରାଯାଏ। ସେ ୪୪ ଜଣ ପିଏଚଡି ଛାତ୍ରଙ୍କୁ ନିର୍ଦ୍ଦେଶନା କରିଥିଲେ ଓ ଦେଶୀୟ ଏବଂ ଆନ୍ତର୍ଜାତୀୟ ପତ୍ରିକାରେ ଅନେକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କର ଛାତ୍ରମାନେ ଦେଶ ବିଦେଶରେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି।

ସମ୍ମାନିତ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'-ର ବିଜେତା, ପ୍ରଫେସର ଦାସ ତାଙ୍କ ଗବେଷଣାରେ ଯେତେକି ପ୍ରସିଦ୍ଧ ଥିଲେ, ସେଥିରୁ ଅଧିକ ପ୍ରସିଦ୍ଧ ଥିଲେ ଶିକ୍ଷା ପ୍ରତି ତାଙ୍କ ନିଷ୍ଠା ଓ ଗଣିତର ସୌନ୍ଦର୍ଯ୍ୟକୁ ସମସ୍ତଙ୍କ ମଧ୍ୟରେ ପ୍ରଚାର କରିବାରେ। ତାଙ୍କ ଦାର୍ଶନିକ ଚିନ୍ତାଧାରା 'ଶୂନ୍ୟ-ଦ ସ୍ପିରିଚୁଆଲ୍ ନମ୍ବର' ନାମକ ପ୍ରସିଦ୍ଧ ପୁସ୍ତକରେ ପ୍ରକାଶ ପାଇଥିଲା, ଯେଉଁଥିରେ ଭାରତୀୟ ଐତିହ୍ୟରେ ଗଣିତର ଗଭୀର ଆଧ୍ୟାତ୍ମିକ ଅର୍ଥକୁ ସୁନ୍ଦରଭାବେ ଉନ୍ମୋଚନ କରାଯାଇଥିଲା। ସେ ଜଣେ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ଶିକ୍ଷକ, ପ୍ରଗାଢ଼ ଗବେଷକ ଓ ପ୍ରେରକ ଗୁରୁ ଭାବେ ସର୍ବଦା ସ୍ମରଣୀୟ ହେବେ, ଯିଏ ପିଢୀ ପରେ ପିଢୀ ଛାତ୍ରଛାତ୍ରୀଙ୍କୁ ତାଙ୍କ ଜ୍ଞାନ, ପ୍ରଜ୍ଞା ଓ ଗଣିତ ପ୍ରତି ଭଲପାଇବାରେ ପ୍ରେରିତ କରେ।

ବ୍ୟାପକ ସଫଳତା ସତ୍ତ୍ୱେ, ତାଙ୍କର ସରଳତା, ସାଧାରଣ ଜୀବନ ଯାପନ ଶୈଳୀ ଓ ଓଡ଼ିଆ ସାହିତ୍ୟ-ସଂସ୍କୃତି ପ୍ରତି ପ୍ରେମ ଅଦ୍ଭୁତ ଥିଲା। ତାଙ୍କ ମତାନୁସାରେ ଗଣିତ ହେଉଛି "ଦେବୀୟ ଭାଷା"। ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ଜୀବନ ଗଳ୍ପ ଦେଖାଇଦିଏ ଯେ, ଗ୍ରାମୀଣ ବାଡ଼ିରୁ ଜନ୍ମିଥିବା ଏକ ସାଧାରଣ ଶିଶୁ କିପରି ଶ୍ରମ, ଶ୍ରଦ୍ଧା ଓ ପ୍ରତିଭାରେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ହେଲେ। ଶିକ୍ଷା ଜୀବନରୁ ଅବସର ନେବା ପରେ ମଧ୍ୟ ସେ ଲେଖିବା, ପଢ଼ାଇବା ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ଚାଲୁରଖିଥିଲେ। ପ୍ରଫେସର ଦାସଙ୍କ ଜୀବନୀ ଆମକୁ ସ୍ମରଣ କରାଏ ଯେ, ସତ୍ୟ ସଫଳତା ଶକ୍ତି ସମ୍ପତ୍ତିରେ ନୁହେଁ, ବରଂ ଜ୍ଞାନର ପ୍ରାପ୍ତି, ସରଳତା ଓ ଅନ୍ୟମାନଙ୍କୁ ପ୍ରେରଣା ଦେବାରେ ରହିଛି। ତାଙ୍କର ଅବଦାନ ଆଜିର ଓ ଭବିଷ୍ୟତ ପିଢୀ ପାଇଁ ସଦା ସ୍ମରଣୀୟ ହୋଇରହିବ।





# ଓସାକ୍ସ ଦ୍ୱାରା ଆୟୋଜିତ ଏଚ୍ଆଇଭି/ଏଡ୍ସ ସଚେତନତା ଉପରେ ରାଜ୍ୟସ୍ତରୀୟ କୁଇଜ୍




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ (ଓସାକ୍ସ) ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଅଂଶଗ୍ରହଣ କରି ଏଚ୍.ଆଇଭି/ଏଡ୍ସ ଏବଂ ଯୌନ ସଂକ୍ରମିତ ସଂକ୍ରମଣ (ଏସ୍‌ଟିଆଇ) ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରିଥିଲା। ସ୍କୁଲ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ଏକ କଠୋର ଚୟନ ପ୍ରକ୍ରିୟା ପରେ, ଶ୍ରେଷ୍ଠ ଦଳଗୁଡ଼ିକ ରାଜ୍ୟସ୍ତରୀୟ ଇଭେଣ୍ଟରେ ପ୍ରତିଯୋଗିତା କରିଥିଲେ। କେନ୍ଦ୍ରାପଡା ଜିଲ୍ଲାର ଦିବ୍ୟାଶ୍ରୀ ଦାସ ଏବଂ ରୋହିତ କୁମାର ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ବଲାଙ୍ଗୀର ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ମୟୂରଭଞ୍ଜ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲା।

କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ସ୍ୱାଇଁ ଉଦଘାଟନ କରିଥିଲେ, ଯିଏ ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଏଚ୍.ଆଇଭି/ଏଡ୍ସ ନିବାରଣରେ ଯୁବପିଢ଼ିଙ୍କ ସମ୍ପୃକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମେଜର ଡକ୍ଟର କଳ୍ପନା ଦାସ, ଯୁବ ରେଡକ୍ରସ୍ ଅଧିକାରୀ, ଡକ୍ଟର ରମେଶ ଚନ୍ଦ୍ର ବେହେରା, ଏବଂ ଚନ୍ଦକା କଲେଜର ଅଧ୍ୟାପକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। କୁଇଜ୍ ପାଇଁ ଜୁରୀ ମେଜର ଡକ୍ଟର କଳ୍ପନା ଦାସ ଏବଂ ସୁରେଶ ଚନ୍ଦ୍ର ମହାନ୍ତି ଥିଲେ।

ସମାବେଶକୁ ସମ୍ବୋଧିତ କରି, ଡକ୍ଟର ଡି.ଏସ୍. ଅରବିନ୍ଦ, ଯୁଗ୍ମ ନିର୍ଦ୍ଦେଶକ, ଆଇଇସି, ଓସାକ୍ସ, ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସଚେତନତାର ବାର୍ତ୍ତା ସେମାନଙ୍କ ସାଥୀମାନଙ୍କ ପାଖରେ ପହଞ୍ଚାଇବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତି ସାଗରିକା କାନୁନଗୋ, ସହକାରୀ ନିର୍ଦ୍ଦେଶକ, ଓସାକ୍ସ ଦ୍ୱାରା ସଂଯୋଜିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ଡକ୍ଟର ସୁବ୍ରତ କୁମାର ତ୍ରିପାଠୀ, ଏଡିପିଏଚ୍‌ଓ (ଟିବି) ଏବଂ ନୋଡାଲ ଅଧିକାରୀ ଏଡ୍ସ, ବିଧାନ ଚନ୍ଦ୍ର ନାୟକ, ଡିପିଏମ୍ ଖୋର୍ଦ୍ଧା; ଏବଂ ଡିଏପିସିୟୁ ସହଯୋଗ ରେ ଅନୁଷ୍ଠିତ ହୋଇଥିଲା। ୫ ଟି ପର୍ଯ୍ୟାୟରେ ଏହି କାର୍ଯ୍ୟ କ୍ରମ କରାଯାଇଥିଲା। ଶିଶିର ବାହିନୀପତି କୁଇଜ୍ ମାଷ୍ଟର ଭାବେ ଯୋଗ ଦେଇଥିଲେ।

ରେଡକ୍ରସ୍ ସୋସାଇଟିର କନିଷ୍ଠ ରେଡ୍‌କ୍ରସ ର ସକ୍ରିୟ ସମର୍ଥନରେ ଆୟୋଜିତ ଏହି ପ୍ରତିଯୋଗିତାର ଲକ୍ଷ୍ୟ ଥିଲା ସଠିକ୍ ସୂଚନା ପ୍ରସାର କରିବା ଏବଂ ଏଚ୍‌ଆଇଭି /ଏଡ୍ସ ଏବଂ ଏସ୍‌ଟିଆଇ ସମ୍ପର୍କିତ ଭ୍ରମ ଭାଙ୍ଗିବା, ଯୁବକମାନଙ୍କ ମଧ୍ୟରେ ଦାୟିତ୍ୱବୋଧତା ସୃଷ୍ଟି କରିବା।

# ହରେକୃଷ୍ଣ ଦାଶଙ୍କ ଆଦର୍ଶ ଛାତ୍ର ଓ ଯୁବସମାଜ ପାଇଁ ଅନୁକରଣୀୟ


ଫାଇଲ ଫଟୋ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଶିଷ୍ଟ ଶିକ୍ଷକ, ପ୍ରାବନ୍ଧିକ ଓ ସ୍ତମ୍ଭକାର ହରେକୃଷ୍ଣ ଦାଶଙ୍କ ଆଦର୍ଶ ଉଭୟ ଛାତ୍ର ଓ ଯୁବସମାଜ ପାଇଁ ଅନୁକରଣୀୟ ହେଉ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

ଗତ ୨୫ ତାରିଖ ଦିନ ସ୍ଥାନୀୟ ବିଜୁପଟ୍ଟନାୟକ ପାର୍କ ଠାରେ ଓମ୍ ପ୍ରାଣାୟମ କେନ୍ଦ୍ର ପକ୍ଷରୁ ଆୟୋଜିତ ଏକ ଶୋକସଭାରେ ଯୋଗଦେଇ ଏହି ବ୍ୟକ୍ତିମାନେ ହରେକୃଷ୍ଣ ସାର୍‌ଙ୍କ ଚରିତ୍ର ଓ ଗୁଣାବଳୀ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଯୋଗଗୁରୁ ତଥା ବିଶିଷ୍ଟ ସ୍ତମ୍ଭକାର ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରାଣାୟାମ କେନ୍ଦ୍ରର ସଦସ୍ୟମାନେ ସ୍ୱର୍ଗତ ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ପରିଣତ ବୟସରେ ସଦା ଚଳଚଞ୍ଚଳ ଥିବା ସ୍ୱର୍ଗତ ଦାଶଙ୍କ ଗୁଣାବଳୀ ସଂପର୍କରେ ସ୍ୱକୀୟ ମତପୋଷଣ କରିଥିଲେ। ଯୋଗ ଓ ପ୍ରାଣାୟମ ପରିଣତ ବୟସରେ ଉପନୀତ ହେଉଥିବା ବ୍ୟକ୍ତିମାନଙ୍କୁ କିଭଳି ସତେଜ, ସୁସ୍ଥ ଓ ଦୈନନ୍ଦିନ ଜୀବନରେ ସକ୍ରିୟ କରି ରଖିଥାଏ ତାହାର ଉଦାହରଣ ଥିଲେ ହରେକୃଷ୍ଣ ଦାଶ। ୨୦୦୩ ମସିହାରୁ ଗଠିତ ଓମ୍ ପ୍ରାଣାୟମ କେନ୍ଦ୍ରର ସମସ୍ତ ଉତ୍ସବରେ ଅଂଶଗ୍ରହଣ କରିବା ସହିତ ଯୁବକମାନଙ୍କ ସହିତ ସେ ବଲ୍ ଖେଳୁଥିଲେ। ପରେ ଯୋଗ ଓ ପ୍ରାଣାୟମ ନିଷ୍ଠା ଏବଂ ସଂଯମତା ଅବଲମ୍ବନ ସହ ପାଳନ କରୁଥିଲେ ବୋଲି ଯୋଗଗୁରୁ ଶ୍ରୀ ଅଗ୍ରୱାଲ ମତପ୍ରକାଶ କରିଥିଲେ। ଶ୍ରୀ ଅଗ୍ରୱାଲ କହିଲେ, ''ଶରୀରମ୍ ଆଦ୍ୟଂ ଖଳୁ ଧର୍ମ ସାଧନମ୍'' ଅର୍ଥାତ୍ ମାନବ ଶରୀର ଯେମିତି ହେଲେ ଅସୁସ୍ଥ ହେବ, ତାହାହିଁ ଘଟିଲା ଶ୍ରୀ ଦାଶଙ୍କ କ୍ଷେତ୍ରରେ। ତାଙ୍କର ଶ୍ୱାସକ୍ରିୟାଜନିତ ସମସ୍ୟା ନଥିଲା କାରଣ ସେ ନିୟମିତ ଯୋଗପ୍ରାଣାୟମ କରୁଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଏହି ଶୋକସଭାରେ ଯୋଗ ଦେଇ ଅନ୍ୟମାନେ କହିଥିଲେ ଯେ ସ୍ୱର୍ଗତ ଦାଶ ବୟସର କୌଣସି ତାରତମ୍ୟକୁ ଦେଖୁନଥିଲେ। ଯୁବପିଢି ସହ ସେ ଯେଭଳି ଭାବରେ ମିଶୁଥିଲେ ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ ଅଟେ। ସଦା ହସହସ ମୁହଁରେ ସମସ୍ତଙ୍କୁ ସମ୍ବୋଧନ କରିବା ସହିତ ସାହିତ୍ୟ ଚର୍ଚ୍ଚା, ଆଧ୍ୟାତ୍ମିକତା, ମନସ୍ତାତ୍ତ୍ୱିକ ତଥା ଦର୍ଶନ ଶାସ୍ତ୍ରରେ ସେ ପାରଙ୍ଗମ ଥିଲେ। ଶିକ୍ଷକତା ସମୟରେ ସେ ଛାତ୍ରମାନଙ୍କୁ ଖୁବ୍ ଭଲ ପାଉଥିଲେ। ବ୍ୟକ୍ତିଗତ ଭାବରେ ପ୍ରତି ଛାତ୍ରଙ୍କ ପାଠପଢା ସେ ବୁଝୁଥିଲେ। ଦୈନିକ ଅଗ୍ରଣୀ ସମ୍ବାଦପତ୍ର 'ସମ୍ବାଦ କଳିକା'ରେ ବର୍ଷ ବର୍ଷ ଧରି ତାଙ୍କର ନିୟମିତ ସ୍ତମ୍ଭ ପ୍ରକାଶ ପାଉଥିଲା। ଯେଉଁମାନେ ଏହାକୁ ପଢିଛନ୍ତି ସେହିମାନେ ସ୍ୱର୍ଗତ ଦାଶଙ୍କ ପ୍ରତ୍ୟୁତ୍ପନ୍ନମତିତା, ଧୀଶକ୍ତି ଓ ପ୍ରଚଣ୍ଡ ବୁଦ୍ଧିମତାର ପରିଚୟ ପାଇଛନ୍ତି। ତାଙ୍କ ବିୟୋଗ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଏହି ଶୋକସଭାରେ ଯୋଗ ଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବଶ୍ରୀ ଚିତ୍ତରଞ୍ଜନ ମହାରଣା, ସୁଦେଶ କୁମାର ରାଲହାନ, ଅଲେଖ ନାୟକ, ଅମ୍ବିକା ଦାସ, ବାଦଲ ପରିଜା, ବିରଞ୍ଚି ନାରାୟଣ ମହାନ୍ତି, ଦିପ୍ତିରଞ୍ଜନ ମିଶ୍ର, ଡ. ବିଷ୍ଣୁଚରଣ ଦାଶ, ଗୋପବନ୍ଧୁ ନାୟକ, ହେମନ୍ତ ସାହୁ, କିଶୋର ଭାଇ ଖେମଜୀ, ମହେନ୍ଦ୍ର କୁମାର ମହାନ୍ତି, ମନ୍ମଥ କୁମାର ଶତପଥୀ, ମୀରାଜ ଅହମଦ, ନିହାର ଦାସ, ପ୍ରଫୁଲ୍ଲ କୁମାର ରଥ, ରାମଚନ୍ଦ୍ର ସାମନ୍ତରାୟ, ପ୍ରମୋଦ ରଥ, ସୌରେନ୍ଦ୍ର ଦାସ, ସୁରେଖା ଜୀ ଏବଂ ନବକିଶୋର ସାମଲ ପ୍ରମୁଖ ସ୍ୱର୍ଗତ ଦାଶଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ।

# ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ସାଜିଛି ପ୍ରାଥମିକ କୃଷି ସମବାୟ ସମିତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର କମ୍ପ୍ୟୁଟରୀକରଣ ଏବଂ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟ (ଆରସିଏସ) ଓଡ଼ିଶାର କମ୍ପ୍ୟୁଟରୀକରଣ ଉପରେ ଏକ ଦିନିକିଆ କର୍ମଶାଳା ଓ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଉଦଘାଟନ କରିଥିଲେ। ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ସାଜିଛି ପ୍ରାଥମିକ କୃଷି ସମବାୟ ସମିତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ସଂକଳ୍ପକୁ ଆହୁରି ସଶକ୍ତ, କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ 'ସମବାୟ ସମୃଦ୍ଧି'ର ନାରା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ପ୍ରାଥମିକ କୃଷି ସମବାୟ ସମିତିର କମ୍ପ୍ୟୁଟରୀକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ପ୍ୟାକ୍ସର କମ୍ପ୍ୟୁଟରୀକରଣ ହେବା ଦ୍ୱାରା ସମବାୟ ସରଞ୍ଜନା ସୁଦୃଢ଼ ହେବାରେ ଲାଗିଛି । ଡିଜିଟାଲ ପରିବର୍ତ୍ତନ ସମବାୟ କ୍ଷେତ୍ରର କାର୍ଯ୍ୟପ୍ରଣାଳୀକୁ ଅଧିକ ପାରଦର୍ଶୀ, ପ୍ରଭାବୀ ଓ ସୁଗମ କରିଛି ଯାହା ଦ୍ୱାରା କୃଷକ ଓ ଗ୍ରାମାଞ୍ଚଳର ଅଧିବାସୀଙ୍କୁ ଋଣ ଏବଂ ସରକାରୀ ସହଯୋଗ ମିଳି ପାରୁଛି । କିଛି ପ୍ୟାକ୍ସ ବର୍ତ୍ତମାନ ସୁଦ୍ଧା କମ୍ପ୍ୟୁଟରୀକୃତ ହୋଇନାହାନ୍ତି ଏବଂ ଏବେ ବି ହସ୍ତଚାଳିତ ପଦ୍ଧତିରେ କାର୍ଯ୍ୟ କରୁଛନ୍ତି, ଫଳରେ ଏସବୁର ପରିଚାଳନାରେ ଅକ୍ଷମତା ଏବଂ ଭରସାର ଅଭାବ ଦେଖା ଦେଇଛି। ସାରା ଦେଶରେ ପ୍ୟାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ପାଇଁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହା ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ପାଳନ କରିବା ସହିତ ରାଜ୍ୟର ସମସ୍ତ ପ୍ୟାକ୍ସକୁ ଜାତୀୟ ସ୍ତରୀୟ ପ୍ୟାକ୍ସ କମ୍ପ୍ୟୁଟରୀକରଣ ସଫ୍ଟୱେର୍ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ କରିବାକୁ ନିଷ୍ପତି ନେଇଛନ୍ତି। ଯାହା ଦ୍ୱାରା ପ୍ୟାକ୍ସଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଏକ ଜାତୀୟ ସ୍ତରର ପ୍ଲାଟଫର୍ମରେ ସାମିଲ ହୋଇପାରିବ ବୋଲି ଶ୍ରୀ ପାଟିଲ କହିଛନ୍ତି । ଏଥି ସହିତ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ଶ୍ରୀ ପାଟିଲ କହିଛନ୍ତି ଯେ, ପ୍ୟାକ୍ସ ଗୁଡ଼ିକ ଗୋଟିଏ ଗୋଟିଏ ୱାନ୍-ଷ୍ଟପ୍ ସପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ଯେପରି ମିଳିବ ସେଥିପ୍ରତି ସମସ୍ତେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ପ୍ୟାକ୍ସ କମ୍ପ୍ୟୁଟରୀକରଣ ପଦକ୍ଷେପ ସମବାୟ କ୍ଷେତ୍ରରେ ସ୍ୱଚ୍ଛତା ଓ ଦକ୍ଷତା ଆଣିବ, ବିଶ୍ୱସନୀୟତାକୁ ବଢ଼ାଇବ ଏବଂ ପ୍ୟାକ୍ସଗୁଡ଼ିକୁ ପଞ୍ଚାୟତ ସ୍ତରରେ ନୋଡାଲ ସେବା ବିତରଣ କେନ୍ଦ୍ର ହେବାରେ ସହାୟକ ହେବ। ତୃଣମୂଳସ୍ତରରୁ ବିଭାଗସ୍ତରୀୟ ଅଧିକାରୀମାନେ ନିଜ ନିଜ ଭିତରେ ସମନ୍ୱୟ ରଖି କିଭଳି ସମବାୟ କ୍ଷେତ୍ର ବିକଶିତ ଓଡ଼ିଶାର ମେରୁଦଣ୍ଡ ସାଜିବ ସେ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ଶ୍ରୀ ପାଟିଲ ପରାମର୍ଶ ଦେଇଥିଲେ ।

# ଏସ୍‌ବିଆଇ ପକ୍ଷରୁ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ୍ କ୍ୟାନ୍ସର ସଚେତନତା ଶିବିର ଓ ଟିକାକରଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ୍ କ୍ୟାନ୍ସର ସଚେତନତା ଶିବିର ୨୨ ଓ ୨୩ ଅଗଷ୍ଟ ୨୦୨୫ରେ ଜନ ଶିକ୍ଷଣ ସଂସ୍ଥାନ, ବଡଗଡ ବ୍ରିଟ କଲୋନି, ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ 'ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)'ଙ୍କ ପ୍ରମୁଖ ସମର୍ଥନରେ ଏବଂ ସିଆଇଆଇ ୟଙ୍ଗ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥିଲା । ଏସ୍‌ବିଆଇଙ୍କ ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା – ସର୍ଭାଇକାଲ୍ କ୍ୟାନ୍ସର ଯାହା ଟିକାକରଣ ଦ୍ୱାରା ପ୍ରତିରୋଧ, ସେଥିପାଇଁ ନାରୀମାନଙ୍କୁ ଓ ସମାଜକୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କ୍ରିନିଙ୍ଗ ଏବଂ ଟିକାକରଣକୁ ପ୍ରୋତ୍ସାହିତ କରିବା । ଏସ୍‌ବିଆଇଙ୍କ ସକ୍ରିୟ ଭୂମିକାରେ ବିଭିନ୍ନ ଶ୍ରେଣୀର ନାରୀମାନଙ୍କ ସକ୍ରିୟ ସହଭାଗିତା ଦେଖାଗଲା। ସେମାନଙ୍କୁ ପ୍ରତିରୋଧୀ ସ୍ୱାସ୍ଥ୍ୟସେବା ଏବଂ ଏଚ୍‌ପିଭି ଟିକାକରଣର ଜୀବନରକ୍ଷାକାରୀ ଭୂମିକା ବିଷୟରେ ଜଣାଇ ଦିଆଗଲା । ଏହି ଶିବିରରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ୍ କ୍ୟାନ୍ସରର ଆଧୁନିକ ସ୍କ୍ରିନିଙ୍ଗ – ଯେପରି ସାଇଟୋଲୋଜି (Pap Smear) ଓ ମଲେକ୍ୟୁଲାର ପ୍ରୟୋଗ (HPV DNA Testing)– ସହିତ ୧୦୦ ଜଣ ମହିଳାଙ୍କର ଟିକାକରଣ କରାଯାଇଥିଲା। ଏହି ଶିବିରଟି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅନିଲ କୁମାର ମିଶ୍ର, ଆଞ୍ଚଳିକ ପରିଚାଳକ, ଭୁବନେଶ୍ୱର ନର୍ଥ, ଭବାନୀ ଶଙ୍କର ମହାନ୍ତି, ସହାୟକ ମହାପ୍ରବନ୍ଧକ, (ବାଣିଜ୍ୟ ସମ୍ପ୍ରେଷଣ ଓ ସାମାଜିକ ଦାୟିତ୍ୱ), ଅଭିମନ୍ୟୁ ସାହୁ, ମୁଖ୍ୟ ପରିଚାଳକ ଏବଂ ନିବେଦିତା ନରୁଲା, ଡିରେକ୍ଟର, ଜନ ଶିକ୍ଷଣ ସଂସ୍ଥାନ ଓ ଡକ୍ଟର ପ୍ରସମିତା ତେଜସ୍ୱିନୀ, ହୃଦାନନ୍ଦ ଶିକ୍ଷା ସଂସ୍ଥାନଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଥିଲା । ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ, ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ୍ କ୍ୟାନ୍ସରର ଭାରକୁ କମାଇବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକଙ୍କ ମତାମତ...

ପାରିବେ। ଓଡିଶା ସରକାରଙ୍କ ୱେବସାଇଟ୍ ଚାଟ୍ ବଟ୍ ଆମ ଶାସନ.ଓଡ଼ିଶା.ଜିଓଭି .ଇନ୍, ହ୍ୱାଟସ୍‌ଆପ୍ ଚାଟ୍ ବଟ୍ +୯୧-୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ପ୍ରଦାନ କରାଯାଇ ପାରିବ। ଏହା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଶାସନ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ଆମ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ୍ କରିବାରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଭାଷାରେ, "ନିଜକୁ ପାଇବାକୁ ହେଲେ ଅନ୍ୟ ମାନଙ୍କ ସେବାରେ ନିଜକୁ ହଜାଇ ଦେବାକୁ ହେବ"। ଏହି ଆଦର୍ଶରେ ଆମ ସରକାର ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାନଙ୍କ ସେବାରେ ନିଜକୁ ହଜାଇ ଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି। ଜନଧନ, ଆଧାର ଓ ମୋବାଇଲର ଉପଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ, ଲୋକ ପୁରା ଟଙ୍କାଟିଏ ହିଁ ପାଉଛନ୍ତି। ବାଟମାରଣା ନାହିଁ। ମୋଦୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସୁଶାସନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ମୋଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନଭାବି ଲୋକଙ୍କ ସେବକ ଭାବରେ କାମ କରୁଛୁ।

ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ହିଁ ଆମ ପାଇଁ ସମ୍ପତ୍ତି। ଆମ ଶାସନ ବ୍ୟବସ୍ଥା ବର୍ତ୍ତମାନ ସମୟ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି।

ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ଏଫ୍‌ଆଇଆର, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଏହି କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଜିଲ୍ଲାର ଅଧିକାରୀ ଓ ହିତାଧିକାରୀ ମାନେ ଯୋଡିହୋଇଥିଲେ। ମୁଖ୍ୟମନ୍ତ୍ରୀ କେତେଜଣ ହିତାଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ସେମାନେ ସମସ୍ତେ କହିଥିଲେ ଯେ, ସରକାରଙ୍କ ଯୋଜନାର ସୁଫଳ ସେମାନେ ସୁବିଧାରେ ପାଉଛନ୍ତି। ଏସବୁ ପାଇବା ପାଇଁ ସେମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନାହିଁ। ସରକାରୀ ଅଧିକାରୀ ମାନେ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି।

କାର୍ଯ୍ୟକ୍ରମର ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଲେ ଯେ, ଲୋକଙ୍କୁ ସୁଶାସନ ଦେବା ପାଇଁ ସୂଚନା ପ୍ରଯୁକ୍ତି ସମନ୍ୱିତ ଏହି ଫିଡ୍‌ବ୍ୟାକ୍ ମେକାନିଜମ୍ ଆରମ୍ଭ କରାଯାଇଛି। ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ ବୋଲି ସେ କହିଥିଲେ। ଆମ ଶାସନ ପୋର୍ଟାଲ ଜରିଆରେ ଲୋକମାନଙ୍କର ମତାମତ ରେକର୍ଡ କରାଯିବ ଏବଂ ସେମାନଙ୍କର ଅଭିମତକୁ ସମ୍ମାନ ଦିଆଯିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ପାଇଁ ...

ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକ ଉପଯୋଗ କରାଯାଇପାରିବ। ଏହି ସେବାଗୁଡ଼ିକରେ ସ୍ୱଚ୍ଛତା ଏବଂ ଖୋଲା ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା, ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଉପଚାର, ବିଶେଷ କରି ମାନବ ମଳ ଏବଂ ପଙ୍କ ପରିଚାଳନା ସାମିଲ ରହିଛି । ଏହାବ୍ୟତୀତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।

## ଶ୍ରୀମନ୍ଦିର ପରିଚାଳନା...

କାମ କରିବା ପାଇଁ ସୁବିଧା ହେବ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ପରିଚାଳନା କମିଟି ଗଠନ ବିଷୟ ଘୋଷଣା ହୋଇଛି। ସୁରକ୍ଷା ବ୍ୟବସ୍ଥା ନେଇ ସରକାରଙ୍କ ନିଷ୍ପତ୍ତି ଅଛି ସେ ବାଟାଲିୟନଠୁ ନେଇ ଡ୍ରୋନ ବାବଦରେ ନିଷ୍ପତ୍ତି ହେଉ କି ଯେଉଁ ମାନେ ହିଡେନ୍ କ୍ୟାମେରା ନେଇ ମନ୍ଦିରକୁ ଯାଉଛନ୍ତି ସେ ନେଇ ହେଉ ଏସବୁ ବାବଦରେ ପଦକ୍ଷେପ ନିଆଯିବ । ଯାହାକୁ ପରିଚାଳନା କମିଟି ହିଁ ଦାୟିତ୍ୱ ନେଇ ଏହାକୁ କାର୍ଯ୍ୟକ୍ଷମ କରିବ। ସରକାର ଯେଉଁ ସବୁ ନିଷ୍ପତ୍ତି ନେବାକୁ ବସିଛନ୍ତି ସେଥିରେ ପରିଚାଳନା କମିଟିର ପ୍ରମୁଖ ଭୂମିକା ରହିଛି ।

ଅନ୍ୟପକ୍ଷରେ ଆସନ୍ତା ୧୫ ତାରିଖ ସୁଦ୍ଧା ଶ୍ରୀମନ୍ଦିରରେ ଧାଡି ଦର୍ଶନର ପ୍ରକ୍ରିୟା ଆରମ୍ଭ ହେବ। ପରିଚାଳନା କମିଟି ଗଠନ ପରେ ପ୍ରଥମ ବୈଠକରେ ହୁଣ୍ଡି ସ୍ଥାନାନ୍ତରଣ ପାଇଁ ଏକ ସୁପାରିସ କରିବେ। ରାଜ୍ୟ ସରକାର ତାହାକୁ ଅନୁମତି ଦେବା ପରେ କାମ କରିବା ପାଇଁ ସୁବିଧା ହେବ। ଯାହା ସବୁ ବାକି ରହି ଯାଇଛି ତାହା ଆଗକୁ ଖୁବ୍‌ଶୀଘ୍ର ହେବ ବୋଲି ଆଇନ୍ ମନ୍ତ୍ରୀ କହିଥିଲେ।

## ୨୯ ତାରିଖ ...

ମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦିନ।

ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ନୂଆଖାଇର ପରଦିନ ଅର୍ଥାତ ୨୯.୦୮.୨୦୨୫ (ଶୁକ୍ରବାର) ଦିନଟିକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ)ପାଇଁ ଛୁଟି ଘୋଷଣା କରିଛନ୍ତି। ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ ତାରିଖ, ଦ୍ୱିତୀୟ ଶନିବାରକୁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି।

## ବନ୍ୟା ସ୍ଥିତି ...

ହୋଇଥିବା ସ୍ଥାନ ପରିଦର୍ଶନ ସହ ଯଥାଶୀଘ୍ର ମରାମତି କେମିତି ହେବ ସେ ନେଇ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେପଟେ ଏବେ ବି ଯାଜପୁର ଜିଲ୍ଲାର ବିଭିନ୍ନ ରିଲିଫ ସେଣ୍ଟରରେ ଏବେ ବି ୫ ହଜାରରୁ ଅଧିକ ଲୋକ ଆଶ୍ରୟ ନେଇଛନ୍ତି । ବନ୍ୟା କମିବା ପରେ ପ୍ରଭାବିତ ଲୋକମାନଙ୍କୁ କ୍ଷୟକ୍ଷତି ବାବଦରେ କ୍ଷତିପୂରଣ ଆକଳନ କରାଯାଇ ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ।

## ଆତ୍ମନିର୍ଭରଶୀଳତା...

ପାଇବ। ସ୍ୱଦେଶୀକରଣ ଓ ଏକତ୍ରିତ ଲଜିଷ୍ଟିକ୍ ଭବିଷ୍ୟତ ଯୁଦ୍ଧରେ ବିଜୟ ପାଇଁ ମୁଖ୍ୟ ଉପାଧି ବୋଲି କହି, ସିଡିଏସ ଏହା ଦୃଢ଼ ଭାବେ କହିଛନ୍ତି ଯେ 'ସଂଯୁକ୍ତତା' ହେଉଛି ଭାରତର ପରିବର୍ତ୍ତନର ମୂଳ ଆଧାର।

# ପୂର୍ବତଟ ରେଳପଥ ପକ୍ଷରୁ ପୋସ୍ ଆଇନ ଅନୁପାଳନ ଉପରେ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୋସ୍ ଆଇନ (କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ର ଅନୁପାଳନ ପ୍ରତି ପ୍ରତିବଦ୍ଧତା ଏବଂ ଯେକୌଣସି ପ୍ରକାରର ଯୌନ ଉତ୍ପୀଡ଼ନରୁ ମୁକ୍ତ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର କୋଚିଂ ଡିପୋରେ ଏକ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟସ୍ଥଳରେ ହେଉଥିବ ଉତ୍ପୀଡ଼ନର ସମାଧାନ ଉପରେ କେନ୍ଦ୍ରିତ ଏକ ସୂଚନାପ୍ରଦ ଏବଂ ଆକର୍ଷଣୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କର୍ପୋରେଟ୍ କ୍ଷେତ୍ରରେ ୧୮ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜଣେ ଅଭିଜ୍ଞ ପରିଚାଳନା ବିଶେଷଜ୍ଞ ଏବଂ ପ୍ରେରଣାଦାୟକ ବକ୍ତା ଶ୍ରୀମତୀ କାନ୍ତା ମହାନ୍ତି ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ କାର୍ଯ୍ୟସ୍ଥଳ ସୃଷ୍ଟି କରିବାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ସେ ପୋସ୍ ଆଇନ ୨୦୧୩ ର ପ୍ରମୁଖ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ସ୍ଥାନୀୟ ଅଭିଯୋଗ କମିଟି (ଗଠନ, ନିଯୁକ୍ତିଦାତାଙ୍କ ପ୍ରତିରୋଧ, ନିଷେଧ, ପ୍ରତିକାର ଦାୟିତ୍ୱ ଏବଂ ଯୌନ ନିର୍ଯାତନା ମାମଲା ପରିଚାଳନାରେ ଜଡିତ ଆଇନଗତ ପ୍ରକ୍ରିୟା ବିଷୟରେ ଗୁରୁତ୍ୱ ଦେଇଥିଲେ।

ଭୁବନେଶ୍ୱରର କୋଚିଂ ଡିପୋର ଆଗଧାଡିର କର୍ମଚାରୀମାନେ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳର ଅନ୍ୟାନ୍ୟ କର୍ମଚାରୀମାନ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଅଧିବେଶନରେ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀମତୀ ସାଗରିକା ପଟ୍ଟନାୟକ ଏବଂ ସୁରେଶ ବେହେରା ଓ ନିଲେଶ କୁମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ ମଣ୍ଡଳର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟନିର୍ବାହୀ ସଦସ୍ୟ ପି.କେ. ବେହେରା ଏବଂ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମସ୍ତ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଉତ୍ପୀଡ଼ନମୁକ୍ତ କର୍ମକ୍ଷେତ୍ର ସୃଷ୍ଟି କରିବାରେ ପୂର୍ବତଟ ରେଳପଥ ପକ୍ଷରୁ ଚାଲିଥିବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ପୂର୍ବତଟ ରେଳପଥ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ପୂର୍ବତଟ ରେଳବାଇ କେନ୍ଦ୍ରୀୟ ହସ୍ପିଟାଲ ଠାରେ ରୋଟାରୀ କ୍ଲବ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ରକ୍ତଦାନ ଶିବିରରେ ଯୋଗଦାନ କରିଥିବା ୪୩ ଜଣ ଦାତା, ସ୍ୱେଚ୍ଛାସେବୀ ଏବଂ ଚିକିତ୍ସା ବୃତ୍ତିଗତଙ୍କ ନିସ୍ୱାର୍ଥ ସମର୍ପଣ ଏହି କାର୍ଯ୍ୟକ୍ରମକୁ ଏକ ଜୀବନ ରକ୍ଷାକାରୀ ପଦକ୍ଷେପ ଭାବେ ପ୍ରମାଣିତ କରିଛି। ସମସ୍ତ ଅଂଶଗ୍ରହଣକାରୀଙ୍କ ସମର୍ପଣ ଏବଂ ଦାନଶୀଳତା ଆବଶ୍ୟକ ଲୋକଙ୍କୁ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି, ଯାହା ସାମୂହିକ କାର୍ଯ୍ୟ ସମ୍ପ୍ରଦାୟରେ କିପରି ପାର୍ଥକ୍ୟ ଆଣିପାରେ ତାହା ଉପରେ ଆଲୋକପାତ କରିଛି।

କେନ୍ଦ୍ରୀୟ ହସ୍ପିଟାଲର ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ସତୀଶ ପ୍ରଧାନଙ୍କ ଦ୍ୱାରା ଶିବିରଟି ଉଦଘାଟନ କରାଯାଇଥିଲା, ଯେଉଁଥିରେ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱରର ରୋଟାରୀ କ୍ଲବର ସଦସ୍ୟମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ଅଭିଯାନକୁ ସଫଳ କରିବାରେ ସାହାଯ୍ୟ କରିଥିଲେ।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/E-procurement Tender Notice/08, ତା.22.08.2025ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
କ୍ରମ ସଂ. 01 : ଟେଣ୍ଡର ସଂ. 81256096, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଇଞ୍ଜିନ ମଡେଲ୍ ନିମନ୍ତେ ଲଙ୍ଗ ବ୍ଲକ୍ (Long Block)ର ଯୋଗାଣ, ପରିମାଣ : 5 ସେଟ୍।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 22.09.2025, 1500 ଘଣ୍ଟିକାରେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-521/Q/25-26

# ଶ୍ରୀ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ କ୍ୟାମ୍ପସ୍ ଇଣ୍ଟରଭ୍ୟୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ନହରକଣ୍ଟାସ୍ଥିତ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟର ପଦ୍ମାବତୀ ଅଡ଼ିଟୋରିୟମ୍‌ଠାରେ ଗତ ଶନିବାର ଦିନ ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ତରଫରୁ କ୍ୟାମ୍ପସ୍ ଇଣ୍ଟରଭ୍ୟୁ ଆୟୋଜିତ ହୋଇଯାଇଛି। ଏଥିରେ କଲେଜର ଡି. ଫାର୍ମା, ବି. ଫାର୍ମା ଏବଂ ଏମ୍. ଫାର୍ମାର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମଟି କଲେଜର ଅଧ୍ୟକ୍ଷା ପ୍ରଫେସର (ଡ.) ନୀଳିମା ଶୁକ୍ଳା ଓ ପ୍ଲେସ୍‌ମେଣ୍ଟ ସେଲ୍ ଇନ୍‌ଚାର୍ଜ ଡ. ମିହିର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।



ଭୁବନେଶ୍ୱର
୨୭ ଅଗଷ୍ଟ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଅନ୍ଧ ଲୀଳା ନୀତି ସମ୍ପନ୍ନ

**ପୁରୀ ୨୬/୮ ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ ବା ଅନ୍ଧ ଲୀଳା ନୀତି । ଭାଦ୍ରବ ଶୁକ୍ଳ ତୃତୀୟା ତିଥି ଅବସରରେ ଏହି ନୀତି ଅନୁଷ୍ଠିତ ହୋଇଛି । ବାସେଳୀ ସାହି ଏହି ଅନ୍ଧ ମନ୍ଦିର ହାତୀର ପ୍ରସ୍ତାବ କରିଥିଲେ । ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବା ବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଥିଲେ । ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ିବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନ ସିଂହାସନକୁ ବିଜେ କରିଥିଲେ । ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ବଟମୂଳ ନିକଟରେ ଥିବା ପାଲିଙ୍କିରେ ବିଜେ କରିଥିଲେ । ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ସମ୍ମୁଖକୁ ନେଇଥିଲେ । ସେଠାରେ ପଡିଥିବା ଖଟ ଉପରେ ଠାକୁର ପାଲିଙ୍କି ସହିତ ବିଜେ ହୋଇଥିଲେ । ଏହି ସମୟରେ ଶ୍ରୀଛାମୁରେ ବାସେଳୀ ସାହି ଲୋକେ ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ କରିଥିଲେ । ଦ୍ୱାପର ଯୁଗରେ ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବା ବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଥିଲେ ଏହି ସ୍ମୃତିକୁ ପ୍ରତିପାଦନ କରା ଯାଇଥାଏ । ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା । ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ସନ୍ଧ୍ୟାଧୂପ ପରେ ଶ୍ରୀମନ୍ଦିରରେ ଅନ୍ଧକୁ ଚକ୍ଷୁଦାନ ଲୀଳା ନୀତି ଅନୁଷ୍ଠିତ ହୋଇଥିଲା ।

# ରୋଡ଼କ୍ରସ ଗେଟ୍ ନିର୍ମାଣ ଉପରେ ରହିବ କଟକଣା : ହାଇକୋର୍ଟ

## ଅନ୍ୟ ସ୍ଥାନରେ ତୋରଣ ନିର୍ମାଣର ନିରାପତ୍ତାକୁ ନେଇ ପୂର୍ତ୍ତ ବିଭାଗ ସୁନିଶ୍ଚିତ କରାଇବ

**କଟକ, ୨୬/୦୮**
**ନ୍ୟୁଜ ବ୍ୟୁରୋ**

ପାର୍ବଣ ଲାଗି ଜାରି ହୋଇଥିବା ନିର୍ଦ୍ଦିଷ୍ଟ କଟକଣାକୁ କୋହଳ କରାଯିବ । କିନ୍ତୁ ସବୁକିଛି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ପ୍ରଶାସନ । ମଙ୍ଗଳବାର କଟକ ସହର ସମସ୍ୟା ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ପରେ କିଛି ଏଭଳି ମତ ପୋଷଣ କରିଛନ୍ତି ହାଇକୋର୍ଟ । ରୋଡ଼କ୍ରସ ଗେଟ୍ ନିର୍ମାଣ ଉପରେ କଟକଣା ରହିବ, ହେଲେ ଅନ୍ୟ ସ୍ଥାନରେ ତୋରଣ ନିର୍ମାଣ କଲାବେଳେ ତାର ନିରାପତ୍ତାକୁ ନେଇ ପୂର୍ତ୍ତ ବିଭାଗ ସୁନିଶ୍ଚିତ କରାଇବ । ସେହିପରି ଗେଟ୍ ନିର୍ମାଣ ଲାଗି ରାସ୍ତା ଯେପରି ନଷ୍ଟ ନହେବ ତାହା ସୁନିଶ୍ଚିତ କରାଇବା ଲାଗି ସିଏମସି ପ୍ରଶାସନ ଉତ୍ତରଦାୟୀ ରହିବ । ଫୁଟପାଥ କିମ୍ବା ରାସ୍ତା ଉପରେ ତୋରଣ ନିର୍ମାଣ ହୋଇପାରିବ ନାହିଁ ଏବଂ ଇଲେକ୍ଟ୍ରିକ ଗେଟ୍ ନିର୍ମାଣ କରିବାକୁ ହେଲେ ବିଦ୍ୟୁତ ବିଭାଗ ତାର ନିରାପତ୍ତାର ଗ୍ୟାରେଣ୍ଟି ଦେବେ । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଯେହେତୁ ବୁଧବାର ଗଣେଶ ପୂଜା ଏବଂ ଗଣେଶ ମୂର୍ତ୍ତି ବିସର୍ଜନ ଲାଗି ୩ଟି ରବିବାର ନିର୍ଦ୍ଧାରିତ ହୋଇଛି । କିନ୍ତୁ ମଝିରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଆଉ ଗୋଟିଏ ଦିନର ମହଲତ ଲୋଡ଼ା ଯାଇଥିଲା, ଯାହା ଉପରେ ପ୍ରଶାସନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି । ସେହିପରି ପାର୍ବଣ ଏବଂ ଭସାଣୀ ସମୟରେ ଯେପରି ବାୟୁ ଏବଂ ଶବ୍ଦ ପ୍ରଦୂଷଣ ନହେବ, ସେଥିଲାଗି ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ହୋଇଛି । ଶବ୍ଦ ପ୍ରଦୂଷଣ ରୋକିବା ଲାଗି ସ୍ୱତନ୍ତ୍ର ଟିମ୍ ମୁତୟନ କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି ।

# ଅଗଷ୍ଟ ୩୦ ଯାଏ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର, ୨୬/୦୮**
**ନ୍ୟୁଜ ବ୍ୟୁରୋ**



ବଢ଼ିଲା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ଅବଧି । ଆବେଦନ ଶେଷ ତାରିଖ ଅଗଷ୍ଟ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟବୀମା ଆବେଦନ ଅବଧି ବଢ଼ିଛି ।

କର୍ମଜୀବୀ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି । ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଚଳିତ ବର୍ଷ ମଧ୍ୟ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି । ସୂଚନାଯୋଗ୍ୟ ଯେ ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ ।

# ବିଜୁ ଯୁବ ଜନତା ଦଳର ସଭାପତି ହେଲେ ଚିନ୍ମୟ, ଈପ୍‌ସିତା



**ଭୁବନେଶ୍ୱର, ୨୬।୮ ନ୍ୟୁଜ ବ୍ୟୁରୋ**

ବିଜୁ ଯୁବ ଜନତା ଦଳର ସଭାପତି ଭାବେ ଚିନ୍ମୟ ସାହୁ ନିଯୁକ୍ତ ହୋଇଛନ୍ତି । ସେହିପରି ଈପସିତା ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଛନ୍ତି । ଏଥିସହ ଯୁବ ଓ ଛାତ୍ର ସଂଗଠନର ଆଉ ୪ ଜଣ ଲେଖାଏଁ ବରିଷ୍ଠ ସାଧାରଣ ସଂପାଦକ ନିଯୁକ୍ତ କରାଯାଇଛି । ବିଜୁ ଯୁବ ଜନତା ଦଳରେ ୪ ଜଣ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି । ବ୍ୟୋମୋକେଶ ରାୟ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ସଙ୍ଗୀତ ମହାନ୍ତିଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ସେହିପରି ବିଜୁ ଛାତ୍ର ଜନତା ଦଳ ପାଇଁ ୪ ଜଣ ସାଧାରଣ ସମ୍ପାଦକ ନିଯୁକ୍ତି ଦିଆଯାଇଛି । ଦେବେଶ ଆଚାର୍ଯ୍ୟ, ଦେବୀରଞ୍ଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ, ସୌଭିକ ବିଶ୍ୱାଳ ସାଧାରଣ ସଂପାଦକ ଭାବେ ନିଯୁକ୍ତ ହୋଇଛନ୍ତି । ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଛନ୍ତି ।

## କିମ୍‌ସ ଓ ଶୁଭ୍ରା ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ

# ବେତନଟୀରେ ଖୋଲିବ କିମ୍‌ସ-ଶୁଭ୍ରା ରୁରାଲ୍ ହସ୍‌ପିଟାଲ୍

**ଭୁବନେଶ୍ୱର, ୨୬।୮**
**ନ୍ୟୁଜ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅନ୍ତର୍ଗତ କୁଞ୍ଜିଶୋଳ ଗ୍ରାମରେ ଏକ ରୁରାଲ ହସ୍‌ପିଟାଲ୍ ଚଳାଇବା ପାଇଁ ଭୁବନେଶ୍ୱରର କିମ୍‌ସ ଓ ଗୁଜରାଟର ଶୁଭ୍ରା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସ୍ମିତା ମୁର୍ମୁଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ବଦ୍ରି ମହାପାତ୍ର ଓ କିମ୍‌ସ ପକ୍ଷରୁ ଏହାର ଗ୍ରୁପ୍ ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ବୁଝାମଣା ଅନୁଯାୟୀ ହସ୍‌ପିଟାଲ୍ ପାଇଁ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦିଆଯାଇଛି । କିମ୍‌ସ ହସ୍‌ପିଟାଲ୍‌ର କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ, ଅପରେସନ୍ ଓ ସମସ୍ତ ପ୍ରଶାସନିକ ଦାୟିତ୍ୱ ବହନ କରିବ । ସୂଚନାଯୋଗ୍ୟ, ସ୍ମିତା ମୁର୍ମୁ ଏକ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ବେଳେ ଗତ ୩୦ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ବେତନଟୀ ସମେତ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ତଥା ଅନ୍ୟାନ୍ୟ ସମାଜ ମଙ୍ଗଳ କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । କିମ୍‌ସ ଓ ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ହେଲେ ଏହା ଦ୍ୱାରା ବେତନଟୀ ତଥା ସ୍ଥାନୀୟ ଅଞ୍ଚଳର ଜନଜାତି ଓ ବହୁ ଜନସାଧାରଣ ଉପକୃତ ହୋଇପାରିବେ । ବେତନଟୀର କୁଞ୍ଜିଶୋଳ ଗ୍ରାମ ହେଉଛି ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ । ଜମ୍ମୁ-କଶ୍ମୀରର ପ୍ରଥମ ଏଲ୍‌ଜି ତଥା ଭାରତର ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଜନ୍ମିତ ଗ୍ରାମ । ଏଥିରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି ଆମେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରିଆସୁଛୁ । କିମ୍‌ସ-ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଡ. ସାମନ୍ତ ସୂଚନା ଦେଇଛନ୍ତି ।

# ମା'ମାନଙ୍କ ସଶକ୍ତିକରଣ ସର୍ବଦା ରହିଛି ବିଜୁ ଜନତା ଦଳର ପ୍ରାଥମିକତା : ନବୀନ

**ଭୁବନେଶ୍ୱର, ୨୬/୮ ନ୍ୟୁଜ ବ୍ୟୁରୋ**

ମା'ମାନଙ୍କ ସଶକ୍ତିକରଣ ସର୍ବଦା ରହିଛି ବିଜୁ ଜନତା ଦଳର ପ୍ରାଥମିକତା ବୋଲି ମହିଳା ସମାନତା ଦିବସରେ କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ମା'ମାନଙ୍କ ସଶକ୍ତିକରଣ ସର୍ବଦା ରହିଛି ବିଜୁ ଜନତା ଦଳର ପ୍ରାଥମିକତା । ମମତା ହେଉ କି ମିଶନ ଶକ୍ତି, ପୋଷଣ ବଜେଟଠୁ ଆରମ୍ଭ କରି ପଞ୍ଚାୟତସ୍ତରରେ ମହିଳାଙ୍କ ପାଇଁ ୫୦% ଓ ଲୋକସଭାରେ ୩୩% ସ୍ଥାନ ସଂରକ୍ଷଣ କରିବା ହେଉ ସବୁବେଳେ ମା'ଙ୍କ ହକ୍ ଓ ଅଧିକାରକୁ ମିଳିଛି ସମ୍ମାନ । ମହିଳା ସମାନତା ଦିବସରେ ଆମେ ଏପରି ଏକ ସମାଜ ଗଢ଼ିବା ପାଇଁ ଆମ ସଂକଳ୍ପକୁ ଆହୁରି ଦୃଢ଼ କରୁଛୁ, ଯେଉଁଠି ମହିଳାଙ୍କୁ ବିନା କୌଣସି ବାଧାରେ ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖିବାକୁ ସମାନ ସୁଯୋଗ ମିଳୁଥିବ ।

# ଶେଷ ହେଲା ପଞ୍ଜୀକରଣ : ନଭେମ୍ବର ପହିଲାରୁ ଖରିଫ୍ ଧାନ କିଣା

**ଭୁବନେଶ୍ୱର, ୨୬/୦୮**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଶେଷ ହେଲା ଖରିଫ୍ ଧାନ ପଞ୍ଜୀକରଣ । ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି । ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ଗତ ବର୍ଷ ୧୭ ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିଲେ । ଜୁଲାଇ ୧୯ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅଗଷ୍ଟ ୨୫ ତାରିଖରେ ଏହା ଶେଷ ହୋଇଛି । ନଭେମ୍ବର ପହିଲାରୁ ଧାନ କିଣା ଆରମ୍ଭ ହେବ ।

ଗତ ବର୍ଷ ଖରିଫ୍ ଋତୁରେ ୧୭ ଲକ୍ଷ ୫୦ ହଜାର ୪୬୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ । ସେହିପରି ମିଡିଲ ମ୍ୟାନ୍ ଫାଇଦା ନନେବା ପାଇଁ ଇ-କେଓ୍ୱାଇସି ଲାଗୁ କରାଯାଇଛି । ଏହାଦ୍ୱାରା କିନ୍ତୁ ପରେ କିଛି ସମସ୍ୟା ଉପୁଜିବାରୁ ସ୍ୱ-ଘୋଷିତ(ସେଲ୍ଫ ଡିକ୍ଲାରେସନ୍) ବ୍ୟବସ୍ଥା କରାଯାଇଥିଲା । ଗତବର୍ଷ ଠାରୁ ଧାନର ମୂଲ୍ୟ କୁଇଣ୍ଟାଲ୍ ପ୍ରତି ୩୧ ଶହ ଟଙ୍କାକୁ ବଢ଼ିଥିବାରୁ ଏବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ଥିଲେ । ମାତ୍ର ଉତ୍ତରାଧିକାରୀ ପ୍ରମାଣପତ୍ର ଭାବେ ବଂଶାବଳି ପ୍ରମାଣପତ୍ର ଓ ଅନୁମତିପତ୍ରର ଗୋଲକଧନ୍ଧା ଭିତରେ ଚାଷୀ ନୟାନ୍ତ ହୋଇପଡ଼ିଥିଲେ । ଆରଆଇଙ୍କ ଠାରୁ ବଂଶାବଳୀ ପ୍ରମାଣପତ୍ର ଆଣିବା ଓ ଭାଇ ଭାଇ ବିବାଦରେ ଅନୁମତିପତ୍ର ଆଣିବା ଜଟିଳ ବ୍ୟବସ୍ଥା ଭିତରେ ଚାଷୀ ହନ୍ତସନ୍ତ ହୋଇଥିଲେ । ଅନେକ ଚାଷୀ ଏହି ସମସ୍ୟା କାରଣରୁ ପଞ୍ଜୀକରଣ କରିପାରିନଥିଲେ । ଅସନ୍ତୋଷ ବଢ଼ିବା ପରେ ଅନୁମତି ଆବଶ୍ୟକ ନାହିଁ 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ ହୋଇପାରିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଥିଲେ । ମାତ୍ର ବିଭାଗୀୟ ଚିଠି ନହେବାରୁ 'ସ୍ୱ-ଘୋଷଣାପତ୍ର' ଘୋଷଣା କେବଳ ଘୋଷଣାରେ ରହିଯାଇଥିଲା । ପଞ୍ଜୀକରଣ ବହୁ ପଛରେ ରହିଥିଲା । ୨୦ ତାରିଖରେ ଶେଷ ତାରିଖ ଥିବା ବେଳେ ୧୦ ତାରିଖ ସୁଦ୍ଧା ମାତ୍ର ୨୨ ହଜାର ୧୮୯ ଚାଷୀ ପଞ୍ଜୀକରଣ କରିଥିଲେ । ଯାହା ଗତବର୍ଷ ତୁଳନାରେ ୫୦ ପ୍ରତିଶତ ହୋଇଥିଲା । ଶେଷବେଳକୁ ସରକାର ପୁଣି ପଞ୍ଜୀକରଣର ଅବଧି ଆଉ ୫ ଦିନ ଅର୍ଥାତ ୨୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବା ସହ 'ସ୍ୱ-ଘୋଷଣାପତ୍ର' ନେଇ ଚିଠି ପ୍ରକାଶ ପାଇଥିଲା । ଏହାପରଠାରୁ ପଞ୍ଜୀକରଣ ଦ୍ରୁତଗତିରେ ବଢ଼ିଚାଲିଲା । ଚାଷୀ 'ସ୍ୱ-ଘୋଷଣାପତ୍ର' ଦେଇ ପଞ୍ଜୀକରଣ କଲେ । ଶେଷ ବେଳକୁ ଏତେ ବଢ଼ିଲା ଯେ, ସଂଖ୍ୟା ଗତ ବର୍ଷକୁ ବି ଟପି ଯାଇଛି ।

# ନୂଆଁଖାଇ ପାଇଁ ଚଳଚଞ୍ଚଳ ସମ୍ବଲପୁର



**ସମ୍ବଲପୁର, ୨୬/୮ ନ୍ୟୁଜ ବ୍ୟୁରୋ**

ଆଉ ଦିନକ ପରେ ନୂଆଁଖାଇ, ଚଳଚଞ୍ଚଳ ସମ୍ବଲପୁର ସହର । ନୂଆ ଚାଉଳରେ ପ୍ରସ୍ତୁତ ନାବନ୍ନ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି ପରେ ନୂଆ ଅନ୍ନ ପ୍ରସାଦ ଖାଇବେ ସମ୍ବଲପୁର ବାସୀ । ଏଥି ପାଇଁ ଘରେ ଘରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେପଟେ ଘର ଛାଡି ଦୂରରେ ରହୁଥିବା ଲୋକେ ପର୍ବ ପାଳନ ପାଇଁ ଗାଁକୁ ବାହୁଡିଛନ୍ତି । ସହରର ଲକ୍ଷ୍ମୀ ଟକିଜ ଛକ ଅଞ୍ଚଳରୁ ଗୋଲବଜାର ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ନୂଆଁଖାଇ ହାଟ ବା ବଜାର ବସିଛି । ଯେଉଁଠି ପୂଜାର ବିଭିନ୍ନ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ ଜମିଛି । ନୂଆଁଖାଇ ଏକ ଏମିତି ପର୍ବ ଯେଉଁ ପର୍ବ ପାଳନ ସମୟରେ ପରିବାରର ପ୍ରତ୍ୟେକ ସଦସ୍ୟ ଉପସ୍ଥିତ ରହିବା ନିହାତି ଆବଶ୍ୟକ । ଏହା ଏହି ପର୍ବର ବିଶେଷତ୍ୱ । ତେଣୁ ନୂଆଁଖାଇ ପୂର୍ବରୁ ଜିଲ୍ଲା ବାହାରେ ରହିଥିବା ଲୋକେ ଘରକୁ ଫେରିଛନ୍ତି । ପଶ୍ଚିମ ଓଡ଼ିଶାର ନୂଆଁଖାଇ ଏକ କୃଷିଭିତ୍ତିକ ଗଣପର୍ବ । ଏହା ଚାଷୀ ଓ ଚାଷର ପର୍ବ । ପଶ୍ଚିମ ଓଡ଼ିଶାର ଅର୍ଥ ବ୍ୟବସ୍ଥା କୃଷି ଉପରେ ଆଧାରିତ ଥିବାରୁ ଏହାକୁ କେବଳ ଯେ କୃଷକମାନେ ପାଳନ କରନ୍ତି ତାହା ନୁହେଁ ବରଂ ଗାଁରୁ ସହର ପ୍ରତ୍ୟେକ ବର୍ଗର ଲୋକେ ପାଳନ କରନ୍ତି । ତେବେ ନୂଆଁଖାଇରେ ମୁଖ୍ୟତଃ ନୂଆ ଚାଉଳର ଆବଶ୍ୟକ ପଡିଥାଏ । କିନ୍ତୁ ଏହା ସହରରେ ମିଳୁନଥିବାରୁ ସହର ଲୋକେ ନୂଆ ଧାନକୁ ଗାଁରୁ ମଗେଇ ଥାନ୍ତି । ଅଥବା ଗାଁର ଲୋକେ ଏହି ସରିଆ ଧାନକୁ ଗ୍ରାମାଞ୍ଚଳର ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରି ସହରକୁ ଆଣି ନୂଆଁଖାଇ ପାଇଁ ବସୁଥିବା ସ୍ୱତନ୍ତ୍ର ହାଟରେ ବିକ୍ରି କରନ୍ତି । ହାଟରୁ ନୂଆ ଧାନ, କୁରେଇ ପତ୍ର, ଖଲି, ଦନା, ସାରୁ ଶାଗ ତଥା ବିଭିନ୍ନ ପୂଜା ସାମଗ୍ରୀ କିଣାଯାଏ । ନୂଆଁଖାଇରେ ନୂଆ ଚାଉଳ ସହ ସାରୁ ଶାଗ ଲାଗି ଥାଏ । ତେଣୁ ନୂଆଁଖାଇ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ସାରୁ ଶାଗକୁ ଲୋକେ ଖାଆନ୍ତି ନାହିଁ । ନୂଆଁଖାଇ ଦିନ ସମସ୍ତେ ନୂଆ ପୋଷାକ ପିନ୍ଧି ମତଭେଦ ଥିଲେ ମଧ୍ୟ ପରିବାରର ସମସ୍ତେ ଏକାଠି ନୂଆଁଖାଇ ପାଳନ କରନ୍ତି । ଏହି ଦିନ ବିଭିନ୍ନ ପ୍ରକାର ପିଠା ପଣା, ଖିରି ବ୍ୟଞ୍ଜନ ସବୁ ତିଆରି ହୋଇଥାଏ । ନୂଆଁଖାଇ ଦିନ ଲୋକେ ସମସ୍ତ ବରିଷ୍ଠ ମାନଙ୍କୁ ମୁଣ୍ଡିଆ ମାରି ବା ଜୁହାର କରି ଆଶୀର୍ବାଦ ନିଅନ୍ତି । ଏହାକୁ ଜୁହାର ଭେଟ ବୋଲି କୁହାଯାଏ । ନୂଆଁଖାଇ ଦିନ ସକାଳ ସମୟରେ ସମସ୍ତେ ନିଜ ଘରେ ଏକାନ୍ତ ଆଉ ବ୍ୟକ୍ତିଗତ ଭାବେ ପୂଜାର୍ଚ୍ଚନା କରି ରୁହନ୍ତି । ଏହା ପରେ ଉପର ବେଳା ଲୋକେ ଘରୁ ବାହାରି ବିଭିନ୍ନ ପ୍ରକାର କୌତୁକିଆ ଖେଳକୁଦରେ ଭାଗ ନିଅନ୍ତି । ନୂଆଁଖାଇରେ ନୂଆ ଧାନର ଚାଉଳ ଆବଶ୍ୟକ ପଡିଥାଏ । ଏହି ନୂଆ ଚାଉଳରେ ମା' ସମଲେଶ୍ୱରୀ, ଇଷ୍ଟ ଦେବା ଦେବୀ ତଥା ପୂର୍ବ ପୁରୁଷଙ୍କ ଠାରେ ନବାନ୍ନ ଭୋଗ ଲାଗିଥାଏ । ଏହା ସହ ନୂଆଁଖାଇରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି, ତେଣୁ ଏହି ପର୍ବକୁ ନୂଆଁଖାଇ ବୋଲି କୁହାଯାଏ ।

